بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ


ସାପ୍ତାହିକ **ବଦର**

Weekly **BADAR** କାଦିଆନ Qadian

Odia

ଖଣ୍ଡ: 11

ସଂଖ୍ୟା: 4

ବାର୍ଷିକ ଦେୟ : 600/-

**ସମ୍ପାଦକ:** କମୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍

02 ଶାବାନ୍, 1447 ହି.କ, 22ସୁଲାହ୍ 1405 ହି.ଶ, 22 January 2026 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

اُدۡعُ اِلٰی سَبِیۡلِ رَبِّکَ بِالۡحِکۡمَۃِ وَ الۡمَوۡعِظَۃِ الۡحَسَنَۃِ وَ جَادِلۡہُمۡ بِالَّتِیۡ ہِیَ اَحۡسَنُ ؕ اِنَّ رَبَّکَ ہُوَ اَعۡلَمُ بِمَنۡ ضَلَّ عَنۡ سَبِیۡلِہٖ وَ ہُوَ اَعۡلَمُ بِالۡمُہۡتَدِیۡنَ۔

(ଅଅଲ୍ ଫତହ୍: 37)

**ଅନୁବାଦ:** ହେ ରସୁଲ୍ ! ତୁମ୍ଭେ ଲୋକମାନଙ୍କୁ ସତ୍‌ଜ୍ଞାନ ଏବଂ ସତ୍‌ଉପଦେଶ ମାଧମରେ ନିଜ ପାଳନକର୍ତ୍ତାଙ୍କ ପଥ ଆଡ଼କୁ ଡାକ ଏବଂ ସେମାନଙ୍କ ସହିତ ମତଭେଦ ସଂପର୍କରେ ଏପରି ରୀତିରେ ଯୁକ୍ତିତର୍କ କର ଯାହା ସର୍ବୋତ୍ତମ ଅଟେ । ବାସ୍ତବରେ ତୁମ୍ଭର ପାଳନକର୍ତ୍ତା ସେମାନଙ୍କୁ ଭଲ ଭାବରେ ଜାଣନ୍ତି ଯେଉଁମାନେ ତାହାଙ୍କ ପଥରୁ ବିଚ୍ୟୁତ ହୋଇଅଛନ୍ତି ଏବଂ ଯେଉଁମାନେ ସତ୍‌ପଥଗାମୀ ହୋଇଛନ୍ତି ସେମାନଙ୍କୁ ମଧ ଭଲ ଭାବରେ ଜାଣନ୍ତି ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ!**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

### ପୁଣ୍ୟ କର୍ମ ସମ୍ପାଦନ କରିବା ସହିତ ଈଶ୍ୱରଙ୍କ ଭୟ ମନ ଭିତରେ ପୋଷଣ କରିବା:

☆ حَدَّثَنَا قُتَيْبَةُ بْنُ سَعِيدٍ، حَدَّثَنَا يَعْقُوبُ بْنُ عَبْدِ الرَّحْمَنِ، عَنْ أَبِي حَازِمٍ، قَالَ: أَخْبَرَنِي سَهْلُ بْنُ سَعْدٍ رَضِيَ اللَّهُ عَنْهُ، أَنَّ رَسُولَ اللَّهِ صَلَّى اللَّهُ عَلَيْهِ وَسَلَّمَ , قَالَ يَوْمَ خَيْبَرَ:----- فَوَاللَّهِ لَأَنْ يَهْدِيَ اللَّهُ بِكَ رَجُلًا وَاحِدًا خَيْرٌ لَكَ مِنْ أَنْ يَكُونَ لَكَ حُمْرُ النَّعَمِ".

**ସହିହୁଲ୍ ବୁଖାରୀ,) କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ଖୈବର୍, ହଦିସ୍ (ନଂ-421**

ହ. ସହଲ୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି: "ଖୈବର୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ.ଅ ହ. ଅଲୀ ର.ଅଙ୍କୁ ଆଦେଶ ଦେଲେ ଯେ, ହେ ଅଲୀ ! فَوَاللّٰہِ لَأَنۡ یَّہۡدِیَ اللّٰہُ بِکَ رَجُلًا وَّاحِدًا خَیۡرٌ لَّکَ مِنۡ أَنۡ یَّکُوۡنَ لَکَ حُمۡرُ النَّعَمِ۔ ଅର୍ଥାତ୍ ମୁଁ ତୁମକୁ ଅଲ୍ଲାଃତାଲାଙ୍କ ଶପଥ ଦେଉଛି ଯଦି ତୁମ ମାଧମରେ ଜଣେ ବ୍ୟକ୍ତିକୁ ବି ସତ୍‌ମାର୍ଗ ପ୍ରାପ୍ତ ହୋଇଯାଏ ତେବେ ଏହା ତୁମ ପକ୍ଷେ ଲୋହିତ ବର୍ଣ୍ଣ ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ।"

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ନିଃସନ୍ଦେହ ରୂପେ ଉକ୍ତ କଥାକୁ ମନେରଖ ! ସମସ୍ତ ଅବତାରମାନଙ୍କୁ ନିଜର ପ୍ରଚାର କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏକଥା ସଠିକ୍ ଯେ, ଯେଉଁ ଲୋକମାନେ ଈଶ୍ୱରଙ୍କ ତରଫରୁ ଆସିଥାଆନ୍ତି ପ୍ରାରମ୍ଭରେ ସଂସାରବାସୀମାନେ ସେମାନଙ୍କର ଶତ୍ରୁ ହୋଇଯାଆନ୍ତି ଏବଂ ସେମାନଙ୍କୁ ନାନା ପ୍ରକାରର ଅକଥନୀୟ ନିର୍ଯାତନା ଦେଇଥାଆନ୍ତି ଓ ସେମାନଙ୍କ ମାର୍ଗରେ କଣ୍ଟା ବିଛାଇ ସେମାନଙ୍କ କାର୍ଯ୍ୟରେ ବାଧା ବିଘ୍ନ ସୃଷ୍ଟି କରିଥାଆନ୍ତି । ତେଣୁ ଏପରି କୌଣସି ଅବତାର ଏବଂ ବାର୍ତ୍ତାବହ ଅତିକ୍ରାନ୍ତ ହୋଇ ନାହିଁ ଯିଏ କଷ୍ଟ ସହ୍ୟ କରି ନଥିବ । ଲୋକମାନେ ଛଳନାକାରୀ, ପ୍ରବଞ୍ଚକ, ଦୋକାନୀ ତା'ର ନାମ ଦେଇ ନଥିବେ? କିନ୍ତୁ ଏସବୁ ସତ୍ତ୍ୱେ ଈଶ୍ୱରଙ୍କ ସେହି ବାର୍ତ୍ତାବହମାନଙ୍କ ଉପରେ ଉର୍ଦ୍ଧ୍ୱକୋଟି ଭକ୍ତମାନେ (ଲୋକମାନେ) ପ୍ରତ୍ୟେକ ପ୍ରକାରର (ଅନ୍ୟାୟ ଓ ଅତ୍ୟାଚାରର)ର ତୀର ଚଳାଇବାକୁ ଆଗ୍ରହ ପ୍ରକାଶ କଲେ, ସେହି ଅବତାରମାନଙ୍କ ଉପରେ ଏମାନେ ଟେକା ପଥର ଫିଙ୍ଗିଲେ, କିନ୍ତୁ ସେମାନେ ଏଥି ପ୍ରତି କିଛି ବି ଭ୍ରୂକ୍ଷେପ କଲେ ନାହିଁ । କୌଣସି ପ୍ରସଙ୍ଗ ସେମାନଙ୍କ ମାର୍ଗରେ ବାଧା ସାଜି ପାରିଲା ନାହିଁ । ସେହି ଅବତାରମାନେ ଯେଉଁମାନେ ଈଶ୍ୱରଙ୍କ ତରଫରୁ ଈଶ୍ୱରଙ୍କର ସନ୍ଦେଶ ଆଣିଥିଲେ ସେମାନେ ସଂସାରବାସୀଙ୍କୁ ଈଶ୍ୱରଙ୍କ ସନ୍ଦେଶ ଶୁଣାଇ ଦେଇଥିଲେ । ସେହି ଅବତାରମାନେ ଈଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇବା ନିମନ୍ତେ କୌଣସି ମୁହୂର୍ତ୍ତକୁ ପାସୋରି ଦେଇ ନଥିଲେ । ଅବୋଧ ସଂସାରବାସୀମାନଙ୍କ ପକ୍ଷରୁ ଯେଉଁ ଅନିଷ୍ଟ ଏବଂ ଅତ୍ୟାଚାର ସେହି ଅବତାରମାନଙ୍କୁ ପହଞ୍ଚିଥିଲା, ସେହି ନିର୍ଯାତନା ଏବଂ ଅତ୍ୟାଚାର ଅବତାରମାନଙ୍କୁ ଆଳସ୍ୟ କରିପାରିଲା ନାହିଁ । ବରଂ ସେମାନେ ଦ୍ରୁତଗାମୀ ହୋଇ ଚାଲିଲେ । ଏପର୍ଯ୍ୟନ୍ତକି ସେହି ଯୁଗ ଆସିଗଲା ଯେ, ଅଲ୍ଲାଃତାଲା ସେହି ସମସ୍ତ ସମସ୍ୟା ଅବତାରମାନଙ୍କ ପାଇଁ ସହଜ କରିଦେଲେ ଏବଂ ବିରୋଧୀମାନେ ବୁଝିନେଲେ । ପୁନଶ୍ଚ ସଂସାରର ସେହି ବିରୋଧୀମାନେ ସେମାନଙ୍କ ପାଦ ତଳେ ଆସି ପଡ଼ିଗଲେ ଏବଂ ସେମାନଙ୍କର ସତ୍‌ମାର୍ଗତା ଓ ସତ୍ୟବାଦୀତା ପରିପ୍ରକାଶିତ ହେବାକୁ ଲାଗିଲା । ମନୁଷ୍ୟର ହୃଦୟ ଅଲ୍ଲାଃତାଲାଙ୍କ ହସ୍ତରେ ଥାଏ । ସେ ଯେତେବେଳେ ଚାହିଁବେ ତାହାକୁ ପରିବର୍ତ୍ତନ କରିଦେଇ ପାରିବେ। ନିଃସନ୍ଦେହ ରୂପେ ତୁମେମାନେ ଉକ୍ତ କଥାକୁ ମନେରଖ ! ସମସ୍ତ ଅବତାରମାନଙ୍କୁ ନିଜର ପ୍ରଚାର କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ଆଁହଜରତ୍ ସ.ଅ ଯେକି ସମସ୍ତ ଅବତାରମାନଙ୍କ ଅପେକ୍ଷା ସର୍ବେଶ୍ରେଷ୍ଠ ଶ୍ରେଷ୍ଠାବତା ଓ ମହାବତାର ଥିଲେ । ଏପର୍ଯ୍ୟନ୍ତ କି ଆପଣ ସ.ଅଙ୍କ ଠାରେ ଅବତାରତ୍ୱର ପରମ୍ପରା ସମାପ୍ତ କରି ଦିଆଗଲା । ଅର୍ଥାତ୍ ଅବତାରତ୍ୱର ସକଳ ବୈଶିଷ୍ଟ୍ୟତା ସ୍ୱଭାବତଃ ଆପଣ ସ.ଅଙ୍କ ଠାରେ ହିଁ ସମାପ୍ତ ହୋଇଗଲା । ଏପରି ମହାମର୍ଯ୍ୟାଦା ସମ୍ପନ୍ନ ମହାବତାରଙ୍କୁ କିଏ ବା ଜାଣି ନାହିଁ ଯେ, ଆପଣ ସ.ଅଙ୍କୁ ନିଜର ଅବତାରତ୍ୱର ପ୍ରଚାରିକ କାଳରେ କିପରି ସମସ୍ୟା ଏବଂ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଅବଜ୍ଞାକାରୀମାନେ କିପରି ଆପଣ ସ.ଅଙ୍କୁ ହଇରାଣ ହରକତ୍ କରିଥିଲେ ଏବଂ ଆପଣ ସ.ଅଙ୍କୁ ଦୁଃଖ କଷ୍ଟ ଦେଇଥିଲେ । **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-433-434, ସଂସ୍କରଣ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)**

☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ସର୍ବ ପ୍ରଥମେ ପ୍ରତ୍ୟେକ ପ୍ରମାଣକୁ ଭଲ ଭାବରେ ତନଖି କରିନିଅ । ତା'ପରେ ଯାଇ ଯେଉଁ ପ୍ରାମାଣ୍ୟଟି ତୁମକ ବଳିଷ୍ଠ ଓ ଦୃଢ ବୋଲି ମନେହେବ ତେବେ ତୁମେ ସେହି ପ୍ରମାଣକୁ ହିଁ ଉପସ୍ଥାପିତ କର ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ଅନ୍ ନହଲ୍‌ର ଆୟତ୍ ସଂଖ୍ୟା 126 اُدۡعُ اِلٰی سَبِیۡلِ رَبِّکَ بِالۡحِکۡمَۃِ وَ الۡمَوۡعِظَۃِ الۡحَسَنَۃِ وَ جَادِلۡہُمۡ بِالَّتِیۡ ہِیَ اَحۡسَنُ ର ବ୍ୟାଖ୍ୟା କରି କୁହନ୍ତି: "ଯଦିଓ ଧର୍ମ ପ୍ରକାଶନର ବର୍ତ୍ତମାନ ପ୍ରଚାର ପ୍ରସାର ହେବାର ଥିଲା ଏବଂ ଇହୁଦୀମାନେ ଓ ଖ୍ରୀଷ୍ଟମାନେ । ଯେଉଁମାନେ ଐଶୀ ଗ୍ରନ୍ଥଧାରୀ ଥିଲେ ବା ଯେଉଁମାନଙ୍କ ପାଖରେ ଐଶୀ ଧର୍ମଗ୍ରନ୍ଥ ରହିଥିଲା । ଇସ୍‌ଲାମ୍ ଧର୍ମ ସେମାନଙ୍କୁ ନିଜ ଆଡ଼କୁ ଡାକି ଥାଆନ୍ତା । ଅତଏବ୍ ଏଇଥି ପାଇଁ ସେମାନଙ୍କ ବିପକ୍ଷରେ ସୁଦୃଢ ଏବଂ ବଳିଷ୍ଠ ପ୍ରମାଣର ଆବଶ୍ୟକତା ଥିଲା । ଅବିଶ୍ୱାସକାରୀମାନଙ୍କ ବିପକ୍ଷରେ ଏକଥା ସହଜ ଥିଲା କି ଅବିଶ୍ୱାସକାରୀମାନଙ୍କ ସମ୍ମୁଖରେ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ଖଣ୍ଡନ କରିବା ଦ୍ୱାରା ହିଁ ସମସ୍ତ କଳହର ମୂଳୋତ୍ପାଟନ ଓ ଅବସାନ ଘଟୁଥିଲା । କିନ୍ତୁ ଇହୁଦୀମାନଙ୍କ ବିପକ୍ଷରେ ଧର୍ମବିଧାନର ସୁବିସ୍ତୃତ ତଥା ସବିଶେଷ ବିତର୍କରେ ଅଂଶ ଗ୍ରହଣ କରିବା ବିଧେୟ ଥିଲା । ଅତଃ ଅଲ୍ଲାଃତାଲା ସର୍ବ ପ୍ରଥମେ ଏହା ତାଗିଦ୍ କଲେ ଯେ, ଦାୱତ୍ (ଅର୍ଥାତ୍ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବା) ହିକମତ୍ ଅର୍ଥାତ୍ (ସତ୍‌ଜ୍ଞାନ ଓ ବୁଦ୍ଧିମତା) ଦ୍ୱାରା କରିବା ଉଚିତ୍ ।

ହିକମତ୍‌ର ବିଭିନ୍ନ ଅର୍ଥ ଦୃଷ୍ଟିରୁ ଚର୍ଚ୍ଚିତ ଆୟତ୍‌ର ନାନା ଅର୍ଥ ରହିଛି। ଉଦାହରଣ ସ୍ୱରୂପ ହିକମତ୍‌ର ଅର୍ଥ ହେଲା- ସତ୍‌ଜ୍ଞାନ, ଦାର୍ଢ୍ୟ, ନ୍ୟାୟ, ଅବତାରତ୍ୱ, କୋମଳତା ଇତ୍ୟାଦି । ହିକ୍‌ମତ୍ କହିଲେ, ଯେଉଁ କଥା ଆମକୁ ମୂର୍ଖତା ଠାରୁ ଅଟକାଏ, ଯେଉଁ ବାଣୀ ସତ୍ୟାନୁଯାୟୀ ହୋଇଥିବ, ସ୍ଥାନ ଓ କାଳ ଦୃଷ୍ଟିରୁ ଯଥୋଚିତ ଅବସ୍ଥାନୁଯାୟୀ

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ..

ହୋଇଥିବ ଇତ୍ୟାଦି ଅର୍ଥ ଏଠାରେ ଚରିତାର୍ଥ ହୋଥାଏ। ଅତଏବ୍ ଅଲ୍ଲାଃତାଲା କହିଲେ, ହେ ମୁସଲମାନମାନେ ତୁମେମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ହିକ୍‌ମତ୍ (ସତ୍‌ଜ୍ଞାନ) ମାଧ୍ୟମରେ ଡାକ । ଅର୍ଥାତ୍ ଜ୍ଞାନଭିତ୍ତିକ ବିଷୟବସ୍ତୁ ବର୍ଣ୍ଣନା କର । ଅର୍ଥାତ୍ ପୂର୍ବାବତାରମାନଙ୍କ ଧର୍ମଗ୍ରନ୍ଥରେ ବର୍ଣ୍ଣିତ ସମସ୍ୟାର ମୂଳଦୁଆ ସ୍ଥାପନ କରି କଥାବାର୍ତ୍ତା କର । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାନ ବ୍ୟାଖ୍ୟାକାରମାନେ ଉକ୍ତ ଆଦେଶାବଳୀ ଆଡ଼କୁ ଧ୍ୟାନ ଦେଲେ ନାହିଁ । ଲୋକମାନଙ୍କ ଠାରୁ ଶୁଣା ଶୁଣା ବାଇବେଲ୍ ସଂପର୍କରେ ଏପରି ପ୍ରାମାଣ୍ୟମାନ ନିଜର ପୁସ୍ତକରେ ଉଲ୍ଲେଖ କରି ଦେଇଛନ୍ତି ଯେ, ଇହୁଦୀ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ ଆଜି ପର୍ଯ୍ୟନ୍ତ ସେହି କାରଣରୁ ଇସ୍‌ଲାମ ଧର୍ମ ଉପରେ ଆକ୍ରମଣ କରିବାର ସୁଯୋଗ ମିଳିଥାଏ । **ଦ୍ୱିତୀୟତଃ** ବଳିଷ୍ଠ ପ୍ରମାଣ ଉପସ୍ଥାପିତ କର ଯେପରିକି ତହିଁରେ କୌଣସି କଥା ଅପରିପକ୍ୱତା ନଥିବ । ବେଳେବେଳେ ମନୁଷ୍ୟ ସମର୍ଥିତ ପ୍ରାମାଣ୍ୟକୁ ସ୍ଥାୟୀ ଓ ନିୟମିତ ପ୍ରାମାଣ୍ୟ ରୂପେ ଉପସ୍ଥାପିତ କରି ଦେଇଥାଏ । ପରିଣାମ ଏହା ହୋଇଥାଏ ଯେ, ଶତ୍ରୁ ସେହି ପ୍ରାମାଣ୍ୟକୁ ଧରି ବସି ଯାଇଥାଏ । ହୁଜୁର୍ ଅ.ବ କହିଲେ, ସର୍ବ ପ୍ରଥମେ ପ୍ରତ୍ୟେକ ପ୍ରମାଣକୁ ଭଲ ଭାବରେ ତନଖ୍ କରିନିଅ । ତା'ପରେ ଯେଉଁ ପ୍ରାମାଣ୍ୟଟି ବଳିଷ୍ଠ ଓ ଦୃଢ ବୋଲି ମନେହେବ ତାହାକୁ ହିଁ ଉପସ୍ଥାପିତ କର । **(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-6, ପୃ-249, ଚର୍ଚ୍ଚିତ ତଫସିର୍ ସୁରାଃ ଅନ୍ ନହଲ୍, ଆୟତ୍ ନଂ-126)** ☆--☆--☆

## ସମ୍ପାଦକୀୟ

## ଜଲସା ସାଲାନା କାଦିୟାନ୍‌ରେ ଅଂଶଗ୍ରହଣକାରୀଙ୍କ ନିମନ୍ତେ ଅହମଦିୟତ୍‌ର ସତ୍ୟତାର ଜ୍ୱଳନ୍ତ ନିଦର୍ଶନ

ଆଁହଜରତ ସ.ଅ ଶେଷ ଯୁଗ ସଂପର୍କରେ ଇମାମ୍ ମେହ୍‌ଦୀ ଅ.ସଙ୍କ ଆଗମନ ସଂପର୍କରେ ଆମମାନଙ୍କୁ ଶୁଭ ସୂଚନା ପ୍ରଦାନ କରିଥିଲେ ଏବଂ ସେହି ଯୁଗରେ ଅସଂଖ୍ୟ ନିଦର୍ଶନ ପ୍ରଦୁର୍ଭୂତ ହେବାର ଅଙ୍ଗୀକାର ଏବଂ ପ୍ରତିଶ୍ରୁତି ମଧ୍ୟ ଆପଣ ସ.ଅ ମୁସଲମାନମାନଙ୍କୁ ଦେଇଥିଲେ । ସେହି ନିଦର୍ଶନଗୁଡ଼ିକ ଅଲ୍ଲାଃତାଲାଙ୍କ କୃପାରୁ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ହିଁ ପ୍ରକଟିତ (ପ୍ରାଦୁର୍ଭୂତ) ହୋଇ ସାରିଛି ।

☆- ଆଁହଜରତ୍ ସ.ଅ କହିଥିଲେ ଯେ, ସତ୍ୟବାଦୀ ଇମାମ୍ ମେହ୍‌ଦୀଙ୍କ ଲକ୍ଷଣ ଓ ନିଦର୍ଶନ ଏହା ହେବ ଯେ, ତାଙ୍କ କାଳରେ ରମ୍‌ଜାନ୍ ମାସରେ ଚନ୍ଦ୍ର ଗ୍ରହଣ ହେବ । ଅର୍ଥାତ୍ ମାସର ମଧ୍ୟବର୍ତ୍ତୀ ତାରିଖର ପ୍ରଥମ ରାତ୍ରରେ ଏବଂ ରମ୍‌ଜାନ ମାସରେ ହିଁ ସୂର୍ଯ୍ୟେପରାଗ ହେବ । ସୂର୍ଯ୍ୟେପରାଗ ମାସର ମଧ୍ୟବର୍ତ୍ତୀ ତାରିଖ ମଧ୍ୟରୁ ଦିନବେଳା ଲାଗିବ । **ଅଲ୍‌ହମ୍‌ଦୁଲିଲ୍ଲାଃ** ଉକ୍ତ ନିଦର୍ଶନଟି 1894 ମସିହାରେ ସଂପୂର୍ଣ୍ଣ ହୋଇ ସାରିଛି।

☆- ସେହିପରି ଆଁହଜରତ ସ.ଅ କହିଲେ, ଯେତେବେଳେ ଲୋକମାନେ ଆଗମନକାରୀ ମେହ୍‌ଦୀଙ୍କୁ ସ୍ୱୀକାର କରିବେ ନାହିଁ ଏବଂ ତାଙ୍କ ପ୍ରତି ଲୋକମାନେ ଘୃଷ୍ଟତା ପ୍ରଦର୍ଶନ କରିବେ ସେତେବେଳେ ଶାସ୍ତି ସ୍ୱରୂପ ସେହି କାଳରେ ପ୍ଲେଗ୍ ମହାମାରୀର ପ୍ରାଦୁର୍ଭାବ ଘଟିବ । ଅର୍ଥାତ୍ ପ୍ଲେଗ୍ ମହାମାରୀ ବ୍ୟାପୀବା। ସୁତରାଂ ଏହି ମହାମାରୀ 1902 ମସିହାରେ ବ୍ୟାପୀ ଥିଲା । ଉକ୍ତ ରୋଗରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁର ଆହାର ହୋଇ ଯାଇଥିଲେ । ପ୍ଲେଗ୍ ରୋଗ ପ୍ରଦୁର୍ଭୂତ ଏବଂ ବ୍ୟାପୀବା ଦ୍ୱାରା ଆପଣ ଅ.ସ କହିଲେ, ମୋର ଈଶ୍ୱର ମୋତେ ପ୍ଲେଗ୍‌ର ଟୀକା ଲଗାଇବାକୁ ବାରଣ (ମନା) କରି ଦେଇଛନ୍ତି ଏବଂ ମୁଁ ପ୍ଲେଗ୍ ରୋଗର ଟୀକା ନ ଲଗାଇ ସୁରକ୍ଷିତ ରହିବି । ମୋର ବିରୋଧୀ ଶତ୍ରୁମାନେ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବେ । ସୁତରାଂ ଏହିପରି ହିଁ ହେଲା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅନେକ ଶତ୍ରୁମାନେ ପ୍ଲେଗ ରୋଗରେ ମୃତ୍ୟୁବରଣ କଲେ ଓ ଆପଣ ଅ.ସ ଟୀକା ନ ନେଇ ମଧ୍ୟ ସୁରକ୍ଷିତ ରହିଲେ ।

☆- ଆଁହଜରତ୍ ସ.ଅ କହିଥିଲେ ଯେ, ପ୍ରକୃତ ଏବଂ ସତ୍ୟବାଦୀ ଇମାମ୍ ମେହ୍‌ଦୀଙ୍କ ଏହି ଲକ୍ଷଣ ହେବ ଯେ, ତାଙ୍କ କାଳରେ ଖ୍ରୀଷ୍ଟ ଧର୍ମର ମିଥ୍ୟା ମତବାଦ ବହୁଳ ରୂପେ ପରିବ୍ୟାପ୍ତ ହୋଇଯିବ ଏବଂ ଆଗନ୍ତୁକ ମେହ୍‌ଦୀ ଖ୍ରୀଷ୍ଟ ଧର୍ମର ସେହି ମିଥ୍ୟା ମତବାଦକୁ ଖଣ୍ଡନ କରିଦେବ। ସୁତରାଂ ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ଆସିଲେ ସେତେବେଳେ ଇଂରେଜମାନଙ୍କର ଖ୍ରୀଷ୍ଟ ସାମ୍ରାଜ୍ୟର ବିଶାଳ ଭାଗ ସଂସାର ଉପରେ ରାଜତ୍ୱ କରୁଥିଲା । ଖ୍ରୀଷ୍ଟ ଧର୍ମର ସେହି ମିଥ୍ୟା ମତବାଦ ଏହା ଥିଲା ଯେ, ସେମାନେ ଅର୍ଥାତ୍ ଇଂରେଜ ଓ ଇଂରେଜର ପାଦ୍ରୀମାନେ ଯୀଶୁଙ୍କୁ ଈଶ୍ୱର ବୋଲି ମନେ କରୁଥିଲେ ଏବଂ ଯୀଶୁ ଖ୍ରୀଷ୍ଟ **ନାଉଜୁବିଲ୍ଲାଃ** ଆକାଶଲୋକରେ ଜୀବିତ ଅଛନ୍ତି ବୋଲି ଆସ୍ଥାକୁ ନିଜ ପାଦ୍ରୀମାନଙ୍କ ମାଧ୍ୟମରେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରୁଥିଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କୀମ୍‌ର ଜ୍ୱଳନ୍ତ ପ୍ରାମାଣ୍ୟ ମାଧ୍ୟମରେ ହ. ମସିହ୍ ମଉଦ୍ ଅ.ସଙ୍କ ମୃତ୍ୟୁର ଘୋଷଣା କରି ଖ୍ରୀଷ୍ଟମାନଙ୍କର ସମସ୍ତ ମିଥ୍ୟା ମତବାଦକୁ ଧ୍ୱଂସ କରିଦେଲେ । ଅତଏବ୍ ଏହା ହିଁ ଆପଣ ଅ.ସଙ୍କ ସତ୍ୟତାର ବଳିଷ୍ଠ ପ୍ରମାଣ ଅଟେ ।

☆- ଆଁହଜରତ ସ.ଅ ସତ୍ୟବାଦୀ ଇମାମ୍ ମେହ୍‌ଦୀଙ୍କ ଏହି ନିଦର୍ଶନ ମଧ୍ୟ ଦର୍ଶାଇଛନ୍ତି ଯେ, ସେହି ଇମାମ୍ ମେହ୍‌ଦୀଙ୍କ କାଳରେ ଓଟ, ଛେଳୀ ଏବଂ ସିଂହ ଗୋଟିଏ ଘାଟରୁ ଜଳପାନ କରିବେ । ଆଜି ଏହି ନିଦର୍ଶନ ମଧ୍ୟ ସଂପୂର୍ଣ୍ଣ ହୋଇ ସାରିଛି । ଅର୍ଥାତ୍ ଉଚ୍ଚ ଜାତିର ଲୋକମାନେ ଯେଉଁମାନେ ନିଜକୁ ସିଂହ ବୋଲି ମନକରି ଆସୁଛନ୍ତି ଏବଂ ନିମ୍ନ ବର୍ଗ ବା ନିମ୍ନ ଜାତିର ଲୋକମାନଙ୍କୁ ଛେଳୀ ବୋଲି ମନେକରି ସେମାନଙ୍କ ଉପରେ ଅତ୍ୟାଚାର କରି ଆସିଛନ୍ତି । ଆଜିର ଆଇନ ଅନୁଯାୟୀ ସମସ୍ତ ଲୋକମାନେ ଅର୍ଥାତ୍ ସେ ପଛେ ଉଚ୍ଚ ଜାତି ହେଉ ଅବା ନିମ୍ନ ବର୍ଗର ପଛୁଆ ହରିଜନ ଜାତିର ଲୋକ ହେଉ ସମସ୍ତେ ମାଲିକ ଅଟନ୍ତି ଏବଂ ସମସ୍ତେ ଗୋଟିଏ ସ୍ଥାନରେ ଏକାଠି ବସି ଆହାର ଗ୍ରହଣ କରୁଛନ୍ତି ଏବଂ ଜଳପାନ କରୁଛନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କ ସତ୍ୟତାର ସେହି ନିଦର୍ଶନ ଯାହାକୁ ଆଁହଜରତ ସ.ଅ ବର୍ଣ୍ଣନା କରିଛନ୍ତି ତାହା ଅସଂଖ୍ୟ ରହିଛି । ସେହି ନିଦର୍ଶନଗୁଡ଼ିକ ଆଜି ସୂର୍ଯ୍ୟାଲୋକ ପରି ଆଜି ସଂପୂର୍ଣ୍ଣ ହୋଇ ସାରିଛି । ଆଜିର ଏହି କଥୋପକଥନରେ ଆମେ ଆଁହଜରତ୍ ସ.ଅଙ୍କ ଦ୍ୱାରା ବର୍ଣ୍ଣିତ ଆଉ ଏକ ନିଦର୍ଶନର ଚର୍ଚ୍ଚା କରିବୁ । ଆପଣ ସ.ଅ କହିଥିଲେ: "ସତ୍ୟବାଦୀ ଇମାମ୍ ମେହ୍‌ଦୀଙ୍କ ନିଦର୍ଶନ ଏହା ହେବ କି ତାଙ୍କ କାଳରେ ପୂର୍ବୋତ୍ତରର ବିଶ୍ୱାସକାରୀ ଲୋକମାନେ ନିଜର ପଶ୍ଚିମ ଦିଗରେ ବାସ କରୁଥିବା ଭାଇମାନଙ୍କର ଚେହେରାକୁ ଦେଖିବେ ଏବଂ ପୂର୍ବୋତ୍ତର ଦିଗରେ ବାସ କରୁଥିବା ଲୋକମାନେ ନିଜର ପଶ୍ଚିମ ଦିଗରେ ବାସ କରୁଥିବା ଭାଇମାନଙ୍କର ଚେହେରା ଦେଖିବ । ଉକ୍ତ ଭବିଷ୍ୟବାଣୀରୁ ଏହା ପ୍ରତିତ ହୁଏ ଯେ, ସତ୍ୟବାଦୀ ଇମାମ୍ ମେହ୍‌ଦୀଙ୍କ କାଳରେ ତାଙ୍କର ଅନୁଗାମୀମାନେ ସମଗ୍ର ବିଶ୍ୱରେ ଅର୍ଥାତ୍ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଦିଗ ଆଦିରେ ପରିବ୍ୟାପ୍ତ ହୋଇଯିବେ ଏବଂ ସେମାନେ ପରସ୍ପରକୁ ଦେଖିବାକୁ ସକ୍ଷମ ମଧ୍ୟ ହେବେ ।" ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, اِنَّ الْمُؤمِنَ فِىْ زَمَانِ الْقَائِمِ وَهُوَ بِالْمَشْرِقِ لَيَرَى اَخَاهُ الَّذِىْ فِى الْمَغْرِبِ وَكَذَا الَّذِىْ فِى الْمَغْرِبِ يَرَى اَخَاهُ الَّذِىْ فِى الْمَشْرِقِ- ଅନୁବାଦ୍: ଅର୍ଥାତ୍ ଇମାମ୍ ମେହ୍‌ଦୀଙ୍କ କାଳରେ ଯେଉଁ ବିଶ୍ୱାସକାରୀ ଭାଇ ପୂର୍ବ ଦିଗରେ ହେବ ସେ ନିଜର ପଶ୍ଚିମ ଦିଗରେ ବାସ କରୁଥିବା ଭାଇକୁ ଦେଖି ପାରିବ । ସେହିପରି ଯେଉଁ ବ୍ୟକ୍ତି ପଶ୍ଚିମ ଦିଗରେ ବାସ କରୁଥିବ ସେ ପୂର୍ବ ଦିଗରେ ବାସ କରୁଥିବା ନିଜର ଭାଇକୁ ଦେଖି ପାରିବ। **(ବିହାରୁଲ ଅନୱାର୍, ଶେଖ୍ ବାକିର୍ ଅଲ୍ ମଜ୍‌ଲିସି, ବାବ୍-27, ପୃ-441)**

ସେହିପରି ଆଉ ଏକ ହଦିସରେ ଉଲ୍ଲେଖ ରହିଛି: عَنْ مُحَمَّدْ اِبْنِ عَلى الْبَاقِرْ عَلَيْهِ السَّلَامُ قَالَ يُنَادِى مُنَادٍ مِنَ السَّمَآءِ بِاِسْمِ الْمَهْدِى فَيَسْمَعُ مَنْ بِالْمَشْرِقِ وَمَنْ بِالْمَغْرِبِ حَتّٰى لَا يَبْقٰى رَاقِدٌ اِلَّا اسْتَيْقَظَ- ଅନୁବାଦ: ଅର୍ଥାତ୍ ମୁହମ୍ମଦ ବିନ୍ ଅଲୀ ଅଲ୍ ବାକିର୍ ଅ.ସ ବର୍ଣ୍ଣନା କରନ୍ତି ଯେ, ଜଣେ ଡାକ ମାରୁଥିବା ବ୍ୟକ୍ତି ଆକାଶ ଲୋକରୁ ଇମାମ ମେହ୍‌ଦୀଙ୍କ ନାଁ ଧରି ଡାକିବ । ସେହି ସ୍ୱରକୁ ପ୍ରତ୍ୟେକ ସେହି ବ୍ୟକ୍ତି ଶୁଣିବ ଯିଏ ପୂର୍ବ ଦିଗରେ ଏବଂ ଯିଏ ପଶ୍ଚିମ ଦିଗରେ ଥିବ । ଏପର୍ଯ୍ୟନ୍ତକି ପ୍ରତ୍ୟେକ ଶୋଇଥିବା ବ୍ୟକ୍ତି ଜାଗ୍ରତ ହୋଇ ଉଠିବ । **(ପ୍ରକାଶନ- ଅକଦର୍ ଫିଲ୍ ଅଖ୍‌ବାରିଲ୍ ମୁନ୍ତଜିର, ଅଲ୍‌ଫସଲୁସ୍ ସାଲିସ୍, ପୃ-171)**

**ଅଲ୍‌ହମ୍‌ଦୁ** ଲିଲ୍ଲାଃ ଉକ୍ତ ଭବିଷ୍ୟବାଣୀ ମଧ୍ୟ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ସଂପୂର୍ଣ୍ଣ ହୋଇ ସାରିଛି ଏବଂ ଦୀର୍ଘ କାଳ ଧରି ଉକ୍ତ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେଉଅଛି । ଜଲ୍‌ସା ସାଲାନା ଅବସରରେ ସମଗ୍ର ବିଶ୍ୱ ଉକ୍ତ ଦୃଶ୍ୟକୁ ଅବଲୋକନ (ଦେଖିଛି) ଯେ, ବିଶ୍ୱବ୍ୟାପୀ ଜମାଅତ୍ ଅହମଦିୟାର ଇମାମ୍ (ଧର୍ମାଧ୍ୟକ୍ଷ ହ. ମିର୍ଜା ମସୁର୍ ଅହ୍‌ମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]) ଯେତେବେଳେ ଉଦ୍‌ବୋଧନ ଦିଅନ୍ତି ସେତେବେଳେ ସଂସାରର ଅନେକ ରାଷ୍ଟ୍ରରେ ବାସ କରୁଥିବା ଅହମଦିମାନେ ଏବଂ ଅଣଅହମଦିମାନେ ଏମ୍.ଟି.ଏ ମାଧ୍ୟମରେ ପରସ୍ପରକୁ ଦେଖିଥାଆନ୍ତି । ବର୍ତ୍ତମାନ ବିଗତ ବର୍ଷ ଅର୍ଥାତ୍ 2025 ମସିହାର ଜଲ୍‌ସା ସାଲାନା ଅବସରରେ ଅନେକ ରାଷ୍ଟ୍ରର ଅହମଦିମାନେ ପରସ୍ପରକୁ ଦେଖିଥିଲେ ।

ଅତଏବ୍ ଆଁହଜରତ ସ.ଅଙ୍କ ଉପରୋକ୍ତ ଭବିଷ୍ୟବାଣୀଟି ଅତ୍ୟନ୍ତ ଜାଜୁଲ୍ୟମାନର ସହିତ ସଂପୂର୍ଣ୍ଣ ହେଉଅଛି । ତେଣୁ ପ୍ରତ୍ୟେକ ନ୍ୟାୟପରାୟଣ ବ୍ୟକ୍ତି ଓ ମୁସଲମାନମାନଙ୍କୁ ଉକ୍ତ ନିଦର୍ଶନ ତଥା ଭବିଷ୍ୟବାଣୀ ଆମନ୍ତ୍ରିତ କରୁଅଛି ଯେ, ସେ ନିଜର ପ୍ରିୟ ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ଦ୍ୱାରା ବର୍ଣ୍ଣିତ ସେହି ଭବିଷ୍ୟବାଣୀ ମାଧ୍ୟମରେ ଆପଣ ସ.ଅଙ୍କର ପ୍ରକାଶିତ ସତ୍ୟତା ଉପରେ ବିଚାର କରୁ । ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହେବା ପୂର୍ବରୁ ସେହି ନିଦର୍ଶନ ଉପରେ ବିଶ୍ୱାସ ଆଣିବା ଉଚିତ୍ । ଯେପରିକି ଆଁହଜରତ ସ.ଅ ଏକ ହଦିସ୍‌ରେ କହିଛନ୍ତି ଯେ, ହେ ମସୁଲମାନମାନେ ଇମାମ୍ ମେହ୍‌ଦୀ ଯେତେବେଳେ ଆବିର୍ଭୂତ ହେବେ ସେତେବେଳେ ତୁମମାନଙ୍କୁ ବରଫର ପର୍ବତ ମଧ୍ୟ ଦେଇ ଆଣ୍ଠୁ ଦ୍ୱାରା ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡ଼େ ତେବେ ମଧ୍ୟ ତୁମେ ସେହି ଇମାମଙ୍କ ପାଖକୁ ଅବଶ୍ୟ ଯିବ ଓ ତାହାଙ୍କ ହସ୍ତରେ ବୈଅତ୍ (ଦୀକ୍ଷା ଗ୍ରହଣ) କରିବ । **(ଅବୁ ଦାଉଦ୍)**

ଅତଏବ୍ ଆଁହଜରତ ସ.ଙ୍କ ଉପରୋକ୍ତ ଆଦେଶାବଳୀ ଅନୁଯାୟୀ ଆପଣମାନେ ଉକ୍ତ ଆଦେଶାବଳୀକୁ କାର୍ଯ୍ୟକାରୀ କରନ୍ତୁ । ପରିଶେଷରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନିମ୍ନୋକ୍ତ ଆଲେଖ୍ୟ ଉପସ୍ଥାପିତ କରି ଉକ୍ତ କଥୋପକଥନକୁ ଏଠାରେ ହିଁ ସମାପ୍ତ କରାଯାଉଛି । ଉକ୍ତ ଆଲେଖ୍ୟ ମଧ୍ୟ ବାସ୍ତବରେ ହୁଜୁର ସ.ଅଙ୍କ ସତ୍ୟତାର ଏକ ବଳିଷ୍ଠ ପ୍ରମାଣ ଅଟେ । ଉକ୍ତ ଆଲେଖ୍ୟଟି ସେହି ପୁସ୍ତକରୁ ସଂଗୃହୀତ କରାଯାଇଛି ଯେଉଁ ପୁସ୍ତକକୁ ହୁଜୁର ଅ.ସ 1890 ମସିହାରେ ରଚନା କରିଥିଲେ । ଅପରପକ୍ଷେ ସେହି ନିଦର୍ଶନ ବର୍ତ୍ତମାନ ପ୍ରକାଶିତ ହୋଇ ନଥିଲା ଯାହାର **(ଅବଶିଷ୍ଟାଂଶ....ପୃ-09ରେ)**

## (ଖୁତ୍‌ବା ଜୁମା)

ଅଲ୍ଲାଃତାଲାଙ୍କ ନାମ ସହିତ ତାହାଙ୍କ ମାର୍ଗରେ ଜିହାଦ୍ କର ଏବଂ ଯିଏ ଅଲ୍ଲାଃତାଲାଙ୍କୁ ଅସ୍ୱୀକାର କଲା ସେହି ବ୍ୟକ୍ତି ସହିତ ଯୁଦ୍ଧ କର । ତୁମେ କାହାରିକୁ ଧୋକା ଦିଅ ନାହିଁ । ତୁମେମାନେ ମହିଳା ଏବଂ ଛୋଟ ପିଲାମାନଙ୍କର ବଧ କରିବ ନାହିଁ । ଶତ୍ରୁ ସହିତ ମୁହାଁମୁହିଁ ହେବା ନିମନ୍ତେ କେବେ ବି କାମନା କର ନାହିଁ । ନିଃସନ୍ଦେହ ରୂପେ ତୁମେ ଶତ୍ରୁ ସହିତ ମୁହାଁମୁହିଁ ହେବା ଫଳରେ ତୁମକୁ ପରୀକ୍ଷା କରାଯିବ । କିନ୍ତୁ ତୁମେମାନେ ଏହା କୁହ କି ହେ ଅଲ୍ଲାଃ ! ତୁମ୍ଭେ ଯେପରି ଚାହଁ ସେପରି ଆମ୍ଭମାନଙ୍କୁ ସେମାନଙ୍କ ବିପକ୍ଷରେ ସାହା ହୁଅ । ତୁମ୍ଭେ ସେମାନଙ୍କ ଦ୍ୱାରା ଆରୋପିତ ଯୁଦ୍ଧ ଠାରୁ ଆମମାନଙ୍କୁ ଦୂରେଇ ରଖ । ଅତଏବ୍ ଯଦି ସେମାନେ ତୁମମାନଙ୍କ ସହିତ ମୁହାଁମୁହିଁ ହୁଅନ୍ତି ଏବଂ ସେମାନେ ଏକତ୍ରିତ ହୋଇ ଚିତ୍କାର କରନ୍ତି ତେବେ ତୁମେମାନେ ଶାନ୍ତି ଏବଂ ନିରବତା ଅବଲମ୍ବନ କରିବ । ତୁମେମାନେ ପରସ୍ପର ମଧ୍ୟରେ କଳହ କର ନାହିଁ ଅନ୍ୟଥା ତୁମେମାନେ କାପୁରୁଷ ପାଲଟିଯିବ ଏବଂ ତୁମମାନଙ୍କର ପ୍ରଭୁତ୍ୱତା କ୍ଷୟ ହେବାକୁ ଲାଗିବ । ହେ ସାହାବାମାନେ ! ତୁମେମାନେ ଏହା କୁହ କି ହେ ଅଲ୍ଲାଃ ! ଆମେମାନେ ତୁମ୍ଭର ଭକ୍ତ ଅଟୁ ଏବଂ ସେମାନେ ମଧ୍ୟ ତୁମ୍ଭମାନଙ୍କର ଭକ୍ତ ଅଟନ୍ତି । ଆମ୍ଭମାନଙ୍କର କପାଳ ଅର୍ଥାତ୍ ଭାଗ୍ୟ ଓ ସେମାନଙ୍କର କପାଳ ଅର୍ଥାତ୍ ଭାଗ୍ୟ ତୁମ୍ଭ ହସ୍ତ ମୁଠାରେ ରହିଛି । ତୁମ୍ଭେ ହିଁ ସେମାନଙ୍କ ନିମନ୍ତେ ଯଥେଷ୍ଟ ହୋଇପାରିବ । ହେ ସାହାବାମାନେ ! ତୁମ୍ଭେମାନେ ଜାଣିନିଅ ଯେ, ସ୍ୱର୍ଗ ଖଡ଼ଗ ଛାୟୀ ତଳେ ବିଦ୍ୟମାନ ରହିଛି ।" (ଆଁହଜରତ[ସ.ଅ])

କାଆବ୍ ବିନ୍ ମାଲିକଙ୍କ ଘଟଣା କିପରିକା ଶିକ୍ଷଣୀୟ ଅଟେ ?........ଏକଥା ମନେରଖିବା ଉଚିତ୍ ଯେ, ବ୍ୟବସ୍ଥା ଅନ୍ୟ ଏକ ପ୍ରସଙ୍ଗ ଅଟେ ଓ କାମ କରିବା ଅନ୍ୟ ଏକ ପ୍ରସଙ୍ଗ ଅଟେ । ବ୍ୟବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଯେଉଁ ବ୍ୟକ୍ତି ଦୋଷ କରେ ତେବେ ସେପରିପ୍ରେକ୍ଷୀରେ ସେ ଯିଏ ହେଉ ନା କାହିଁକି ସେହି ବ୍ୟକ୍ତିକୁ ଅବଶ୍ୟ ପଚରା ଯାଇଥାଏ । ଅତଏବ୍ ଈଶ୍ୱରଙ୍କ ଆଦେଶାବଳୀ ଅନୁଯାୟୀ ଧର୍ମ ନିମନ୍ତେ ଏପରି ଉଦ୍ୟମ କର କି ସୈତାନ୍‌କୁ ମଧ୍ୟ ତୁମେ ଘଉଡ଼ାଇ ଦେବ । କିନ୍ତୁ ଏଇଥି ପାଇଁ ନୁହଁ ଯେ, ତୁମମାନଙ୍କର ପ୍ରଶଂସା କରାଯାଉ ଏବଂ ଏହା ବିଚାର କର ନାହିଁ ଯେ, ଆମମାନଙ୍କର ଦୋଷ ତ୍ରୁଟି ସଂପର୍କରେ ଆମମାନଙ୍କୁ ପଚରା ଉଚରା କରାଯିବ ନାହିଁ । ପୁନଶ୍ଚ ଈଶ୍ୱରଙ୍କ ପ୍ରତି ଉପକାର ପ୍ରଦର୍ଶନ କର ନାହିଁ । ମନ୍ ଓ ଅଜାକୁ ବିନିଯୋଗ କର ନାହିଁ । ସମସ୍ତ ମାଧ୍ୟମ ଦ୍ୱାରା ଇସ୍‌ଲାମ୍ ଧର୍ମର ସେବା କର ।" (ହ. ମୁସ୍‌ଲେହ୍ ମଉଦ୍[ର.ଅ])

ତୁବୁକ୍ ଯୁଦ୍ଧର ଯାତ୍ରା ଏପରି ତାତ୍ତ୍ୱିକପୂର୍ଣ୍ଣ ଓ କଲ୍ୟାଣମୟ ଯାତ୍ରା ସାବ୍ୟସ୍ତ ହେଲା ଯେ, ସମସ୍ତ ଆରବ୍ୟ ଭୂଖଣ୍ଡରେ ମୁସଲମାନମାନଙ୍କ ବୈଭବ୍ୟତା ଆସନ୍ନିତ ହୋଇଗଲା ଏବଂ କିଛି କ୍ଷଣ ମଧ୍ୟରେ ହିଁ ସମସ୍ତ ଆରବ୍ୟ ଭୂଖଣ୍ଡରେ ଇସ୍‌ଲାମ୍ ଧର୍ମର ଧ୍ୱଜା ଉଡ଼ିବାକୁ ଲାଗିଲା ।

ଆଁହଜରତ ସ.ଅଙ୍କ ଶେଷ ଯୁଦ୍ଧ ତୁବୁକ୍ ଯୁଦ୍ଧ ଥିଲା ଏବଂ ଶେଷ ସୈନ୍ୟବାହିନୀ ଯାହାକୁ ଆପଣ ସ.ଅ ପ୍ରେରଣ କରିଥିଲେ ସେହି ସୈନ୍ୟବାହିନୀର ନାମ ହେଲା ଉସ୍ୱାମାଙ୍କ ସୈନ୍ୟବାହିନୀ । ଆଁହଜରତ୍ ସ.ଅ କହିଲେ, ହେ ଲୋକମାନେ ! ଉସ୍ୱାମାଙ୍କ ଅମୀର୍ ହେବା ସଂପର୍କରେ ତୁମମାନଙ୍କ ମଧ୍ୟରୁ କେତେକ ଲୋକମାନଙ୍କର କଥା ମୋ ପର୍ଯ୍ୟନ୍ତ ପହଞ୍ଚିଛି । ମୁଁ ଉସ୍ୱାମାକୁ ଅମୀର୍ କରି ଦେଇଥିବା ଯୋଗୁଁ ତୁମେମାନେ ଯଦି କୌଣସି ଆପତ୍ତି କରିଥିଲ ତେବେ ଉସ୍ୱାମାଙ୍କ ପୂର୍ବରୁ ମଧ୍ୟ ତାଙ୍କର ପିତାଙ୍କୁ ଯେତେବେଳେ ମୁଁ ଅମୀର କରିଥିଲି, ସେତେବେଳେ ମଧ୍ୟ ତୁମେମାନେ ଆପତ୍ତି କରି ସାରିଛ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ଉସ୍ୱାମାଙ୍କ ପିତା ମଧ୍ୟ ଅମୀର୍ ହେବାର ଯୋଗ୍ୟ ପ୍ରାର୍ଥୀ ଥିଲେ । ସେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ ମୋର ସବୁଠୁ ବେଶୀ ପ୍ରିୟତମ ଥିଲେ । ନିଃସନ୍ଦେହ ରୂପେ ଏମାନେ ଦୁହେଁ ଅର୍ଥାତ୍ ଉସ୍ୱାମ୍ ଓ ତାଙ୍କର ପିତାଶ୍ରୀ ଏପରି ବ୍ୟକ୍ତିମାନେ ଅଟନ୍ତି ଯେଉଁମାନଙ୍କ ସଂପର୍କରେ ପ୍ରତ୍ୟେକ ପ୍ରକାରର ପୁଣ୍ୟ ଏବଂ କଲ୍ୟାଣ ସଂପର୍କରେ ଆଶା କରାଯାଇପାରିବ । ତେଣୁ ଉସ୍ୱାମାଙ୍କ ଠାରୁ ପୁଣ୍ୟ ଉପଦେଶ ପ୍ରାପ୍ତ କର । କାରଣ ଉସ୍ୱାମା ତୁମମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ବ୍ୟକ୍ତି ଅଟନ୍ତି । (ଆଁହଜରତ[ସ.ଅ]ଙ୍କ ବାଣୀ)"

ହ. ଅବୁ ବକ୍କର ର.ଅ କହିଲେ: "ମୁଁ ସେହି ଅସ୍ତିତ୍ୱଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତ ମୁଠାରେ ମୋର ପ୍ରାଣ ବାୟୁ ରହିଛି ! ଯଦି ମୋର ଉକ୍ତ କଥା ଉପରେ ଦୃଢବିଶ୍ୱାସ ମଧ୍ୟ ହୋଇଯାଏ କି ହିଂସ୍ର ଜୀବଜନ୍ତୁମାନେ ମୋତେ  ଝାମ୍ପି ନେବେ ତେବେ ମଧ୍ୟ ମୁଁ ରସୁଲ୍ କରୀମ୍ ସ.ଅଙ୍କ ଆଦେଶାନୁଯାୟୀ ହ. ଉସ୍ୱାମାଙ୍କ ସୈନ୍ୟବାହିନୀକୁ ଅବଶ୍ୟ ପ୍ରେରଣ କରିବି । ଆଁହଜରତ୍ ସ.ଅ ସୈନ୍ୟବାହିନୀକୁ ପ୍ରେରଣ କରିବାର ଯେଉଁ ନିଷ୍ପତ୍ତି ନେଇଥିଲେ ସେହି ଆଦେଶକୁ ମୁଁ କଦାପି ବାତିଲ୍ କରିପାରିବି ନାହିଁ ।" (ହ. ମସିହ୍ ମଉଦ୍[ଅ.ସ])

ହ. ଅବୁ ବକ୍କର୍ ର.ଅ ଆଁହଜରତ ସ.ଅଙ୍କୁ ଏତେ ପ୍ରେମ କରୁଥିଲେ ଯେ, ଯେଉଁ ଧ୍ୱଜାକୁ ଆଁହଜରତ୍ ସ.ଅ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କ ହାତକୁ ପ୍ରଦାନ କରିଥିଲେ ଏବଂ ଯେଉଁ ଧ୍ୱଜାକୁ ଆପଣ ସ.ଅ ସ୍ୱୟଂ ନିଜ ହାତରୁ ଗଣ୍ଠି ପକାଇଥିଲେ । ହ. ଅବୁ ବକ୍କର ର.ଅ କହିଥିଲେ ଯେ, ଏହା କିପରି ସମ୍ଭବ ଯେ, ଯେଉଁ ଧ୍ୱଜାରେ ଆପଣ ସ.ଅ ନିଜେ ଗଣ୍ଠି ପକାଇଥିଲେ ସେହି ଧ୍ୱଜାର ଗଣ୍ଠିକୁ ଇବ୍‌ନେ ଅବୁ କାହାଫାଙ୍କ ପୁତ୍ର ଖୋଲି ଦେଇ ପାରିବ ?

ଆମେରିକାର ମୁବଲ୍ଲିଗ୍ ସିଲ୍‌ସିଲା ସ୍ୱର୍ଗତ ଶ୍ରୀଯୁକ୍ତ ଅଜିଜୁର୍ ରହ୍‌ମାନ୍ ସାହେବ ଏବଂ ଇଣ୍ଡୋନେସିଆର ଶ୍ରୀଯୁକ୍ତ ସ୍ୱର୍ଗତ ଐଦି ହୁମାୟଦି ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।

ତୁବୁକ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

**05 December 2025 ମସିହା ଅନୁଯାୟୀ ୨ ୧ ନବୁୱତ୍ ୧ ୪ ୦ ୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଯେପରିକି ମୁଁ ବିଗତ ଖୁତ୍‌ବାରେ ହ. କାଆବ୍ ବିନ୍ ମାଲିକ୍ ର.ଅ ଓ ଅନ୍ୟ ସାହାବାମାନଙ୍କ ତୁବୁକ୍ ଯୁଦ୍ଧକୁ ନଯିବା ଏବଂ ପଛରେ ରହିଯିବା ସଂପର୍କରେ ଓ ଆଁହଜରତ ସ.ଅଙ୍କ ରୁଷ୍ଟତା ସଂପର୍କରେ ଚର୍ଚ୍ଚା କରିଥିଲି, ଏହାର ଅତିରିକ୍ତ ଚର୍ଚ୍ଚା ଆଜି ମଧ୍ୟ ମୁଁ ବର୍ଣ୍ଣନା କରିବି । ଉକ୍ତ ଯୁଦ୍ଧ ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଚର୍ଚ୍ଚା କରିଛନ୍ତି । ସୁତରାଂ ଆପଣ ର.ଅ କୁହନ୍ତି: "ଆହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ତିନିଜଣ ବିଶ୍ୱାସକାରୀ ଉକ୍ତ ଯୁଦ୍ଧ (ତୁବୁକ୍ ଯୁଦ୍ଧ)ରେ ସାମିଲ୍ ହୋଇ ନଥିଲେ । ସେହି ସାହାବାମାନଙ୍କ ସଂପର୍କରେ ଜଣେ ସାହାବିଙ୍କ ସଂପର୍କରେ ବିସ୍ତୃତ ହଦିସ୍‌ର ମଧ୍ୟ ବର୍ଣ୍ଣନା ରହିଛି । ଅତଏବ୍ ସେହି ସାହାବି ଜଣକ କୁହନ୍ତି: "ଯେତେବେଳେ ରସୁଲୁଲ୍ଲାଃ ସ.ଅ ତୁବୁକ୍ ଯୁଦ୍ଧରୁ ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ମୁଁ ଆପଣ ସ.ଅଙ୍କ ପାଖରେ ପହଞ୍ଚିଲି । ମୁଁ ଲୋକମାନଙ୍କୁ ପଚାରିଲି ଯେ, ହେ ଲୋକମାନେ କ'ଣ ତୁମେମାନେ ମୋତେ କହିପାରିବ କି ତୁବୁକ୍

ଯୁଦ୍ଧକୁ ଆଉ କେଉଁ ବ୍ୟକ୍ତିମାନେ ଯାଇ ନଥିଲେ ଏବଂ ପଛରେ ରହି ଯାଇଥିଲେ ? ହେ ଲୋକମାନେ ! ସେମାନେ କ୍ଷମା ନିମନ୍ତେ କେଉଁ ପନ୍ଥା ଅବଲମ୍ବନ କରିଛନ୍ତି ? ଆଁହଜରତ ସ.ଅ ସେମାନଙ୍କ ସହିତ କେଉଁ ବ୍ୟବହାର ପ୍ରଦର୍ଶନ କରିଛନ୍ତି ? ସେମାନେ କହିଲେ, ଲୋକମାନେ ଆସିବା ମାତ୍ରେ କ୍ଷମା ଯାଚନା କରିଛନ୍ତି ଏବଂ କୁହନ୍ତି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଦୟାକରି ଆମମାନଙ୍କର କ୍ଷମା ନିମନ୍ତେ ଦୁଆ କରି ଦିଅନ୍ତୁ, ତେବେ ରସୁଲୁଲ୍ଲାଃ ସ.ଅ ସେମାନଙ୍କ ନିମନ୍ତେ ଦୁଆ କରି ଦେଇଛନ୍ତି ।"

ସେହି ସାହାବି ଜଣକ କୁହନ୍ତି ଯେ, ମୋ ମନରେ ଏହି ଧାରଣ ଜାତ ହେଲା ଯେ, ମୁଁ ମଧ୍ୟ କୌଣସି ଅସୁବିଧାର ଚର୍ଚ୍ଚା ଆଁହଜରତ ସ.ଅଙ୍କ ସମ୍ମୁଖରେ କରିଦେବି ଏବଂ ଆଁହଜରତ ସ.ଅଙ୍କ ଭର୍ତ୍ସନାରୁ ବର୍ତ୍ତିଯିବି । କିନ୍ତୁ ପୁଣି ମୋ ମନରେ ଏହି ଧାରଣା ଆସିଲା ଏବଂ ମୁଁ ସାହାବାମାନଙ୍କୁ ପଚାରିଲି ଯେ, ହେ ସାହାବାମାନେ କେଉଁ କେଉଁ ଲୋକମାନେ ଆଗକୁ ଆଗେଇ ଆସିଛନ୍ତି ? ସେହି ସାହାବାମାନେ ଯେଉଁ ଲୋକମାନଙ୍କର ନାମ ନେଲେ ସେମାନେ ସମସ୍ତେ କପଟବିଶ୍ୱାସୀ ଥିଲେ। କେବଳ ଦୁଇ ଜଣ ବିଶ୍ୱାସକାରୀଙ୍କର ନାମ ସେମାନେ ନେଲେ ଏବଂ କହିଲେ, ସେହି ବିଶ୍ୱାସକାରୀମାନେ ନିଜର କୌଣସି ତ୍ରୁଟି ଏବଂ ବାହାନାର ସ୍ୱୀକାରୋକ୍ତି ଆଁହଜରତ ସ.ଅଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି । ସେତେବେଳେ ମୁଁ ମନରେ କହିଲି କି ମୁଁ କପଟବିଶ୍ୱାସୀମାନଙ୍କ ସହିତ କାହିଁକି ସାମିଲ୍ ହେଲି ? ତେଣୁ ଏପରି ଅସୁବିଧା ଉପସ୍ଥାପିତ କରିବା ପରିବର୍ତ୍ତେ ସ୍ୱଷ୍ଟ କହିଦେବି ଯେ, ମୋ ଦ୍ୱାରା ଭୁଲ୍ ହୋଇ ଯାଇଛି। ଆପଣ ଯାହା ଚାହିଁବେ ଓ ଯେପରି ଚାହିଁବେ ମୋ ସହିତ ଆଚରଣ ପ୍ରଦର୍ଶନ କରିପାରିବେ। ସୁତରାଂ ଉକ୍ତ ଧାରଣା ମନକୁ ଆସିବା ମାତ୍ରେ ମୁଁ ଦୋଷ ସ୍ୱୀକାର କରିବା ନିମନ୍ତେ ନିଷ୍ପତ୍ତି ନେଲି ଏବଂ ଏହିପରି ଭାବରେ ଅଲ୍ଲାଃତାଲା ମୋତେ କପଟବିଶ୍ୱାସୀଙ୍କ ସହିତ ମିଶିବାରୁ ରକ୍ଷା କରିନେଲେ । ସୁତରାଂ ମୁଁ ଆଁହଜରତ ସ.ଅଙ୍କ ପାଖକୁ ଗଲି ଏବଂ ଆପଣ ସ.ଅଙ୍କୁ ସ୍ୱଷ୍ଟ ଭାବରେ ଏହା କହିଦେଲି ଯେ, ମୋର ଆଳସ୍ୟତା ଏବଂ ମୋ ପକ୍ଷରୁ ଅବଚତନତା ହୋଇଥିଲା ତେଣୁ ମୁଁ ତୁବୁକ୍ ଯୁଦ୍ଧରେ ସାମିଲ୍ ହୋଇପାରିଲି ନାହିଁ । ମୋର କୌଣସି ପ୍ରକୃତ କାରଣ ଏବଂ ଅସୁବିଧା ନଥିଲା। ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ତରଫରୁ ତୁମ ସମ୍ବନ୍ଧରେ କୌଣସି ଆଦେଶ ଆସିଯାଇ ନାହିଁ ସେପର୍ଯ୍ୟନ୍ତ ତୁମ ସହିତ ସମସ୍ତ ସଂପର୍କକୁ ଛିନ୍ନ କରି ନିଆଯିବ । ତୁମକୁ ବାସନ୍ଦ କରାଯିବ । ସେହି ସାହାବିଙ୍କର ନାମ କାଆବ୍ ବିନ୍ ମାଲିକ୍ ର.ଅ ଥିଲା । ସେ ବର୍ଣ୍ଣନା କରନ୍ତି ଯେ, ଉକ୍ତ ଆଦେଶାବଳୀ ପ୍ରଣୀତ ହେବା ଦ୍ୱାରା ଆମମାନଙ୍କୁ ବହୁତ କଷ୍ଟ ପହଞ୍ଚିଲା ଏବଂ ଆମେମାନେ ମର୍ମାହତ ହେଲୁ । କାରଣ ମଦିନାରେ ସମସ୍ତେ ମୁସଲମାନ ହିଁ ଥିଲେ ଏବଂ ଯେଉଁ କେତେଜଣ କପଟବିଶ୍ୱାସୀ ରହିଥିଲେ ସେମାନଙ୍କ ମଧ୍ୟରୁ କାହାରିକୁ ଏହି ସାହସ ହେଲା ନାହିଁ ଯେ, ସେମାନେ ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ସହିତ କଥାବର୍ତ୍ତା କରି ପାରିବେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ସମସ୍ତ କଥାକୁ ମୁଁ ସଂକ୍ଷିପ୍ତ ଆକାରରେ ବର୍ଣ୍ଣନା କରିଛି । ଏହାର ସବିଶେଷବିବରଣୀ ମୁଁ ପୂର୍ବ ଖୁତ୍‌ବାରେ ବର୍ଣ୍ଣନା କରି ସାରିଛି । ଆପଣ ର.ଅ ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହା ବର୍ଣ୍ଣନା କରିଥିଲେ। ଯେପରିକି ଏଥି ସଂକ୍ରାନ୍ତରେ ମୁଁ ଜମାଅତ୍‌କୁ ଉପଦେଶ ମଧ୍ୟ ଦେଇଥିଲି । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଏଠାରେ ତ' ମୁଁ ଦେଖିଛି ଅର୍ଥାତ୍ କାଦିୟାନ୍‌ରେ । 1936 ମସିହାର କଥା ଅଟେ । ଯେଉଁ ଲୋକମାନଙ୍କ ସହିତ କଥାବାର୍ତ୍ତା କରିବାକୁ ବାରଣ କରାଯାଇଛି ଅର୍ଥାତ୍ ଯେଉଁ ଲୋକମାନଙ୍କୁ ହୁଜୁର୍ ଅ.ବଙ୍କ ତରଫରୁ ଦଣ୍ଡ ମିଳେ ସେହି ଲୋକମାନେ ସାହିରେ ଅହମଦିମାନଙ୍କ ଘରକୁ ମଧ୍ୟ ଚାଲି ଯାଇଥାଆନ୍ତି । ସେହି ସାହି ବାସୀନ୍ଦାମାନଙ୍କୁ ଏହା ଜଣା ନାହିଁ ଯେ, ସେମାନେ କେଉଁ ବ୍ୟକ୍ତି ସହିତ କଥାବାର୍ତ୍ତା କରୁଛନ୍ତି । ଏଠାକାର କେତେକ ଅହମଦିମାନେ ସର୍ପ (ସାପ)କୁ ପୋଷି ଥାଆନ୍ତି । କିନ୍ତୁ ସେହି ଲୋକମାନେ ଏକଥା ମନେରଖନ୍ତି ଯେ, ଏହି ସର୍ପମାନେ ନା ଈଶ୍ୱରଙ୍କୁ ଦଂଶନ କରିପାରିବେ, ନା ଈଶ୍ୱରଙ୍କ ବାର୍ତ୍ତାବହଙ୍କୁ ଦଂଶନ (କାମୁଡ଼ି ପାରିବେ) ଓ ନା ହିଁ ଉପସ୍ଥିତ ଖଲିଫାଙ୍କୁ ଦଂଶନ କରି ପାରିବେ । ଏମାନେ ସେହିମାନଙ୍କୁ ହିଁ ଦଂଶନ କରିବେ ଯେଉଁମାନେ ଏହି ନିର୍ବାସିତ ବ୍ୟକ୍ତିମାନଙ୍କୁ ପୋଷିଥାଆନ୍ତି । ଆମେମାନେ ଅଲ୍ଲାଃତାଲାଙ୍କ କୃପାରୁ ସୁରକ୍ଷିତ ଅଛୁ । କାରଣ ଯେଉଁ ବ୍ୟକ୍ତି ତଥା ଜମାଅତ୍‌କୁ ଅଲ୍ଲାଃତାଲା ନିଜର ସୁରକ୍ଷା ବଳୟ ମଧ୍ୟରେ ପରିସରଭୁକ୍ତ କରି ନଅନ୍ତି ସେମାନଙ୍କର କେବି ବି କ୍ଷତି ବା ଅନିଷ୍ଟ ସାଧନ ହୁଏ ନାହିଁ । ଅର୍ଥାତ୍ ସେହି ବ୍ୟକ୍ତିମାନଙ୍କୁ କେହି ବି ଦଂଶନ କରିପାରିବ ନାହିଁ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସେମାନେ ସେହି ସର୍ପମାନଙ୍କର ଗତିବିଧିକୁ ଅଣଦେଖା କରିଥାଆନ୍ତି ।"

ସେହି କାଳରେ କେତେକ ଉପଦ୍ରବ ମୁଣ୍ଡ ଟେକି ଉଠୁଥିଲା ଯଦ୍ଦ୍ୱାରାକି ଆପଣ ର.ଅଙ୍କୁ ଏପରି କଥା କହିବାକୁ ପଡ଼ିଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅ କହିଲେ, ଅତଏବ୍ ମଦିନା ମୁନୱରାହ୍‌ରେ କୌଣସି କପବିଶ୍ୱାସୀ ମଧ୍ୟ ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ସହିତ କଥାବାର୍ତ୍ତା କରିବାକୁ ସାହସ କରିପାରୁ ନଥିଲା । କାଆବ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେହି ଆଦେଶବଳୀର କିଛି ଦିନ ପରେ ଜ୍ଞାତ ହେଲା ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ସ୍ତ୍ରୀ ଓ ସନ୍ତାନମାନେ ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ଠାରୁ ଦୂରେଇ ଯାଆନ୍ତୁ । ଆମ ତିନିଜଣଙ୍କ ମଧ୍ୟରୁ ଜଣେ ସାହାବି ବୃଦ୍ଧ ଥିଲେ । ତାଙ୍କର ପତ୍ନି ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଗଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ସ୍ୱାମୀ ମହୋଦୟ ତ' ମୃତ୍ୟୁବରଣ କରି ସାରିଛନ୍ତି । ସେ ନା ଆହାର ଖାଉଛନ୍ତି ଓ ନା ହିଁ ସେ ଶୋଉଛନ୍ତି । ପୁନଶ୍ଚ ବାର୍ଦ୍ଧକ୍ୟାବସ୍ଥା ହେବା ଯୋଗୁଁ ସବୁବେଳେ ସେ ଅଭାବି ଏବଂ ପରର ସାହାଯ୍ୟ ଉପରେ ନିର୍ଭରଶୀଳ ଅଟନ୍ତି । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଯେଉଁ ସଂପର୍କ ସ୍ଥାପନ ହେବା କଥା ତାହା ପୂର୍ବରୁ ହିଁ ନଥିଲା । ଯଦି ଆପଣ ସ.ଅ ମୋତେ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ମୋ ସ୍ୱାମୀଙ୍କ ଖାଇବା ପିଇବାରେ ଟିକେ ସାହାଯ୍ୟ କରିବି । ଆପଣ ସ.ଅ କହିଲେ, ଆଛା ତାହା ହେଲେ ମୁଁ ତୁମକୁ ଏତିକି ହିଁ ଅର୍ଥାତ୍ ନିଜ ସ୍ୱାମୀଙ୍କର ସେବା କରିବାକୁ ଅନୁମତି ପ୍ରଦାନ କରୁଛି । ପ୍ରତ୍ୟୁତ୍ତରରେ ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ, ମୋ ମନରେ ମଧ୍ୟ ଏହି ଧାରଣା ଜାତ ହେଲା କି ମୁଁ ମଧ୍ୟ ନିଜ ନିମନ୍ତେ ଏପରି ଅନୁମତି ନ ଲୋଡ଼ିବାର ବ୍ୟବସ୍ଥା କରିବି ନାହିଁ । କିନ୍ତୁ ପୁଣି ମୋ ମନରେ ଏହି ଧାରଣା ଆସିଲା ଯେ, ସେହି ବ୍ୟକ୍ତି ଜଣକ ତ' ବୃଦ୍ଧ ଅଟନ୍ତି, ହେଲେ ମୁଁ କିନ୍ତୁ ତ' ଯୁବକ ଅଟେ । ମୋ ନିମନ୍ତେ ଏପରି କରିବା ଉଚିତ୍ ହେବ ନାହିଁ । ପ୍ରତ୍ୟୁତ୍ତରରେ ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ, ହେ ମୋର ପ୍ରିୟ ପତ୍ନି ! ତୁମେ ନିଜ ବାପ ଘରକୁ ଚାଲିଯାଅ । ଏପରି ନହେଉ ଯେ, ମୁଁ ତୁମକୁ ଡାକିବି ଏବଂ ତୁମେ ମୋ ଡାକର ଉତ୍ତର ଦେଇଦେବ ? ମୋତେ ଅନ୍ୟ କୌଣସି ବ୍ୟକ୍ତି ସଂପର୍କରେ ତ' ଏତେ ଚିନ୍ତିତ ନଥିଲି ଯେ, ସେ ମୋ ସହିତ କଥାବାର୍ତ୍ତା କରୁ । ହଁ ରସୁଲୁଲ୍ଲାଃ ସ.ଅଙ୍କ ପ୍ରେମ ଓ ଆନ୍ତରୀକତା ଯୋଗୁଁ ଏହି ଧାରଣା ଥିଲା କି ମୋର ବେଦନାକୁ ଦେଖି ଆପଣ ସ.ଅଙ୍କୁ ଅବଶ୍ୟ ମୋ ଉପରେ ଦୟା ଆସିବ । ତେଣୁ ମୁଁ ଆପଣ ସ.ଅଙ୍କ ସଭାକୁ ଚାଲି ଯାଉଥିଲି ଏବଂ ସଭାରେ ଜୋରରେ ଅର୍ଥାତ୍ ଉଚ୍ଚ ସ୍ୱରରେ ଅସ୍ ସଲାମୁ ଅଲୈକୁମ୍ କହୁଥିଲି । ପୁନଶ୍ଚ ମୁଁ ଏହାପରେ ଦେଖୁଥିଲି ଯେ, ଆପଣ ସ.ଅଙ୍କ ଓଠ ପ୍ରତିକ୍ରିୟା (ଆପଣ ସ.ଅ ଉତ୍ତର ଦେଉଛନ୍ତି) କରୁଛି ଅବା ନୁହେଁ ? କିନ୍ତୁ ଆପଣ ସ.ଅ ମୋ ସଲାମ୍‌ର କୌଣସି ଉତ୍ତର ଦେଉ ନଥିଲେ । ମୁଁ ବିଚଳିତ (ଘାବରେଇ) ହୋଇ ଉଠଥିଲି ଏବଂ ଚିନ୍ତା କରୁଥିଲା ଯେ, ଆପଣ ସ.ଅଙ୍କ ଓଠ ହଲିଥିବ । କିନ୍ତୁ ମୁଁ ଦେଖି ପାରିଲି ନାହିଁ ତେଣୁ ସେତେବେଳେ ମୁଁ ମଜ୍‌ଲିସ୍ (ସଭା)ରୁ ଉଠି ଚାଲି ଆସୁଥିଲି । ପୁନଃ ମୁଁ ଆଁହଜରତ୍ ସ.ଅଙ୍କ ସଭାକୁ ଫେରୁଥିଲି ଏବଂ ଜୋର୍‌ରେ ଅସ୍ ସଲାମୁ ଅଲୈକୁମ୍ କହି ପୁଣି ଆପଣ ସ.ଅଙ୍କ ଓଠ ଆଡ଼କୁ ଦେଖୁଥିଲେ । ମୁଁ ପୁଣି ଉଠୁଥିଲି ଏବଂ ପୁଣି ଆପଣ ସ.ଅଙ୍କ ପାଖକୁ ଯାଉଥିଲି । କିନ୍ତୁ ଆପଣ ସ.ଅ କୌଣସି ଉତ୍ତର ଦେଉ ନଥିଲେ । କିନ୍ତୁ ହଁ ! ଆପଣ ବେଳେବେଳେ ମୋ ଆଡ଼କୁ ଟେରେଇ ଦେଖୁ ନେଉଥିଲେ । ଯେତେବେଳେ ଏହିପରି ଭାବରେ ଅନେକ ଦିନ ବିତିଗଲା ସେତେବେଳେ ମୁଁ ନିଜର ଚଚାଙ୍କ ପୁତ୍ର ଅର୍ଥାତ ଭାଇଙ୍କ ନିକଟକୁ ଗଲି । ସେହି ଭାଇଙ୍କ ପାଖରେ ମୁଁ ସବୁବେଳେ ଖିଆପିଆ କରୁଥିଲି ଓ ତାଙ୍କ ପାଖରେ ମୁଁ ରହୁଥିଲି । ଅତଏବ୍ ସେହି ଭାଇଙ୍କ ପାଖକୁ ମୁଁ ଯେତେବେଳେ ଗଲି ସେତେବେଳେ ସେ ନିଜ ଉଦ୍ୟାନ (ବଗିଚା)ରେ କାମ କରୁଥିଲେ । ମୁଁ ତାଙ୍କୁ କହିଲି, ହେ ଭାଇ ! ତୁମେ ହିଁ ମୋର ଗୋପନ ରହସ୍ୟ ସଂପର୍କରେ ଅବଗତ ଅଟ । ତୁମେ ହିଁ ମୋ ବିଷୟରେ ସବୁକିଛି ଜାଣ । ଆମେ ଦୁହେଁ ସର୍ବଦା ଏକତ୍ର ରହିଥିଲୁ ଏବଂ ଆମମାନଙ୍କର କଥା ପରସ୍ପର ଠାରୁ ଅଛପା ନାହିଁ । ତୁମେ ଭଲ ଭାବରେ ଜାଣ ଯେ, ମୁଁ ନିଷ୍ପାପର ମୁସଲମାନ ଅଟେ ଏବଂ ଶତ୍ରୁତାଜନିତ କୌଣସି ବ୍ୟାଧି ମୋ ମଧ୍ୟରେ ନାହିଁ । ମୁଁ ଆଜି ବିଚଳିତାବସ୍ଥାରେ ତୁମକୁ ଗୋଟେ କଥା ପଚାରିବାକୁ ଆସିଛି ଯେ, ତୁମେ ମୋତେ ଏକଥା କୁହ ଯେ, କ'ଣ ମୁଁ କପଟ ବିଶ୍ୱାସୀ ଅଟେ କି ? କାଆବ୍‌ଙ୍କ ଚଚାଙ୍କ ପୁତ୍ର କୌଣସି ଉତ୍ତର ଦେଲା ନାହିଁ ଏବଂ ମୁହଁ ଉପରକୁ କରି କେବଳ ଆକାଶ ଆଡ଼କୁ ଚାହିଁଲେ । ଏହାର ଅର୍ଥ ଏହିକି ଯେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ହିଁ ଭଲ ଭାବରେ ଜାଣନ୍ତି । ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ଯେତେବେଳେ ମୋର ରହସ୍ୟ ସଂପର୍କରେ ଅବଗତ ଥିବା ମୋ ଚଚାଙ୍କ ପୁଅ ଭାଇ ମୋତେ ଏହି ଉତ୍ତର ଦେଲା ସେତେବେଳେ ମୁଁ ଏହା ଅନୁଭବ କଲି ଯେ, ମୋ ଉପରେ ଅର୍ଥାତ୍ ମୋ ନିମନ୍ତେ ଭୂପୃଷ୍ଠ ସଂଙ୍କୁଚିତ ହୋଇଯାଇଛି । ମୁଁ ଘାବରେଇ ଉଦ୍ୟାନର ପ୍ରାଚୀର ଅର୍ଥାତ୍ କାନ୍ଥ ଡେଇଁ ବାହାରକୁ ଚାଲି ଆସିଲି ଏବଂ ପାଗଳଙ୍କ ପରି ସହର ଅଭିମୁଖେ ବାହାରି

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ପଡ଼ିଲି । ଯେତେବେଳେ ମୁଁ ସହର ପାଖରେ ପହଞ୍ଚିଗଲି ସେତେବେଳେ ଜଣେ ବ୍ୟକ୍ତି ମୋ ପାଖକୁ ଆସିଲା ଏବଂ ମୋତେ ପଚାରିଲା ଯେ, ହେ ବ୍ୟକ୍ତି କ'ଣ ତୁମେ ଅମକ ବ୍ୟକ୍ତି ଅଟ କି ? ମୁଁ କହିଲି ହଁ ମୁଁ ଅମକ ବ୍ୟକ୍ତି ଅଟେ । ତେବେ ସେହି ବ୍ୟକ୍ତି ମୋତେ ଏକ ପତ୍ର ଦେଲା ଏବଂ କହିଲା, ଉକ୍ତ ପତ୍ରଟି ଅମକ ସମ୍ରାଟ୍ ପଠାଇଛନ୍ତି । ଉକ୍ତ ପତ୍ରଟି ଆରବର ଜଣେ ଖ୍ରୀଷ୍ଟ ସମ୍ରାଟ୍‌ର ପତ୍ର ଥିଲା । ସେହି ସମ୍ରାଟ୍ ରୋମୀୟ ରାଷ୍ଟ୍ର ଏବଂ ରୋମୀୟ ଶାସନଙ୍କ ଅଧୀନ ଥିଲା । ହ. କାଆବ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ପତ୍ରକୁ ଖୋଲି ଯେତେବେଳେ ପଢିଲି ସେତେବେଳେ ସେହି ପତ୍ରରେ ଏହା ଉଲ୍ଲେଖ ଥିଲା ଯେ, ଅର୍ଥାତ୍ ସମ୍ରାଟ୍ ଉକ୍ତ ପତ୍ରରେ ଏହା ଉଲ୍ଲେଖ କରିଥିଲା ଯେ, "ହେ କାଆବ୍ ! ମୁଁ ଏକଥା ଜାଣେ ଯେ, ତୁମେ ଆରବ୍ୟ ଧନାଢ୍ୟ ବ୍ୟକ୍ତି ଅଟେ ଏବଂ ତୁମକୁ ମୁହମ୍ମଦ ସ.ଅ ତିରସ୍କୃତ କରିଛନ୍ତି । କିନ୍ତୁ ତୁମର ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ଉଚିତ୍ ଥିଲା ଏବଂ ତୁମର ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବାର ଥିଲା। ତୁମେ ଯଦି ମୋ ପାଖକୁ ଚାଲି ଆସ ତେବେ ମୁଁ ତୁମର ମର୍ଯ୍ୟାଦା ଅନୁଯାୟୀ ତୁମ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବି । କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ମୋ ଭାଇ ଅର୍ଥାତ୍ ମୋ ଚଚାଙ୍କ ପୁତ୍ର ମୋତେ ଉତ୍ତର ଦେଇଥିଲା (ଅର୍ଥାତ୍ ହ. କାଆବ୍ ବିନ୍ ମାଲିକ୍ ର.ଅ ଯେତେବେଳେ ନିଜ ଚଚାଙ୍କ ପୁତ୍ର ଭାଇଙ୍କ ପାଖକୁ ଉଦ୍ୟାନକୁ ଯାଇଥିଲେ ସେତେବେଳେ କାଆବ୍ ର.ଅଙ୍କ ଚଚାଙ୍କ ପୁତ୍ର ଭାଇ ହ. କାଆବ୍‌ଙ୍କୁ ଉତ୍ତର ଦେଇଥିଲା) ସେହି ଉତ୍ତର ଶୁଣିବା ପରେ ମୋର ମନ ପରିବର୍ତ୍ତନ ହୋଇଯାଉଥିଲା। ଉକ୍ତ କଥା ଦ୍ୱାରା ସେତେବେଳେ ଅଶାନ୍ତି ଥିଲା । ସେହି ପତ୍ରକୁ ଦେଖି ମୋ ଶରୀର ନିର୍ଜୀବ ହୋଇଗଲା । ମୋର ଅବସ୍ଥା ସହସା ପରିବର୍ତ୍ତନ ହୋଇଗଲା ଏବଂ ମୁଁ ଭାବିଲି ଯେ, ଏହା ସୈତାନର ଶେଷ ଆକ୍ରମଣ ଅଟେ । ଏପରି ନହେଉ ଯେ, ମୋର ପାଦ ବିଚଳିତ ହୋଇଯିବ ଏବଂ ମୁଁ ସେହି ସନ୍ଦେଶବାହକକୁ କହିଲି ଯେ, ମୋ ପଛେ ପଛେ ଆସ । ଏକ ସ୍ଥାନରେ ଜଣେ ବ୍ୟକ୍ତି ଇଟାଭାଟି ଜାଳୁଥିଲା । ମୁଁ ସେହି ପତ୍ରକୁ ଖଣ୍ଡ ଖଣ୍ଡ କରି ଚିରି ତହିଁରେ ପକାଇଦେଲେ । ଅର୍ଥାତ୍ ନିଆଁରେ ପକାଇଦେଲି । ମୁଁ (ହ. କାଆବ୍ ବିନ୍ ମାଲିକ୍ ର.ଅ) ସେହି ସନ୍ଦେଶବାହକକୁ କହିଲି, ହେ ସନ୍ଦେଶବାହକ! ତୁମେ ନିଜର ସମ୍ରାଟଙ୍କୁ ଯାଇ କହିଦିଅ ଯେ, ମୋର ଉତ୍ତର ଦେଇଦିଅ । ଏହା ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ପରୀକ୍ଷା ଏବଂ ବିପତ୍ତିର ଶେଷ ମୁହୂର୍ତ୍ତ ଥିଲା । ପରିଶେଷରେ ଅଲ୍ଲାଃତାଲା କୃପା ପ୍ରଦର୍ଶନ କଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ମୁହମ୍ମଦ୍ ସ.ଅ ! ତୁମେ ତାଙ୍କର ଅର୍ଥାତ୍ କାଆବ୍ ବିନ୍ ମାଲିକଙ୍କର ଦୋଷକୁ କ୍ଷମା କରିଦିଅ।"**(ଖୁତ୍‌ବାତ୍ ମହମୁଦ୍, ଗ୍ରନ୍ଥଖଣ୍ଡ-17, ପୃ-655-658, ପ୍ରଦତ୍ତ 1936 ମସିହା ଅକ୍ଟୋବର ମାସ 9 ତାରିଖ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଆଉ ଏକ ସ୍ଥାନରେ ବର୍ଣ୍ଣନା କରନ୍ତି: "ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ଉକ୍ତ ଘଟଣା କିପରିକା ଶିକ୍ଷଣୀୟ ଥିଲା । ହ. କାଆବ୍ ବିନ୍ ମାଲିକ୍ ର.ଅ ସମସ୍ତ ଯୁଦ୍ଧରେ ଆଁହଜରତ ସ.ଅଙ୍କ ସହିତ ରହିଥିଲେ । ମକ୍କା ବିଜୟରେ ମଧ୍ୟ ସେ ଆପଣ ସ.ଅଙ୍କ ସହିତ ଥିଲେ । କିନ୍ତୁ ତୁବୁକ୍ ଯୁଦ୍ଧରେ ଆଳସ୍ୟ ପ୍ରଦର୍ଶନ କରିବା ଯୋଗୁଁ ଆପଣ ପଛରେ ରହିଗଲେ । ନବୀ କରୀମ୍ ସ.ଅ ତାଙ୍କୁ ଏପରି କଠୋର ଶାସ୍ତି ଦେଲେ ଯେ, ତାଙ୍କର ସଲାମ୍‌ର (ପ୍ରଣାମ ବା ନମସ୍କାର)ର ଉତ୍ତର ମଧ୍ୟ ଦେଇ ନଥିଲେ । ଆଁହଜରତ ସ.ଅ ସମସ୍ତ ମୁସଲମାନମାନଙ୍କୁ ତୁବୁକ୍ ଯୁଦ୍ଧରେ ଯାଇ ନଥିବା ଏହି ତିନିଜଣ ଲୋକମାନଙ୍କ ସହିତ କଥାବାର୍ତ୍ତା କରିବାକୁ ବାରଣ କରିଦେଲେ । ଏପର୍ଯ୍ୟନ୍ତକି ଆଁହଜରତ ସ.ଅ ସେହି ତିନିଜଣ ବିଶ୍ୱାସକାରୀ ମୁସଲମାନମାନଙ୍କର ପତ୍ନିମାନଙ୍କୁ ମଧ୍ୟ ସେମାନଙ୍କ ଠାରୁ ପୃଥକ୍ କରିଦେଲେ । ସେହି ଅବସ୍ଥାରେ ଗସ୍ସାନ୍ ସଂପ୍ରଦାୟର ସମ୍ରାଟର ସନ୍ଦେଶବାହକ ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ନିକଟକୁ ଆସିଲା ଏବଂ ତାଙ୍କୁ ଆସି ସମ୍ରାଟ୍‌ର ସନ୍ଦେଶ ପତ୍ର ଦେଲା । ସେହି ପତ୍ରରେ ଏହା ଉଲ୍ଲେଖ ରହିଥିଲା ଯେ, ହେ କାଆବ୍ ! ତୁମର ବନ୍ଧୁ ତୁମର ମର୍ଯ୍ୟାଦା ଓ ତୁମକୁ ସମ୍ମାନ ପ୍ରଦାନ କଲେ ନାହିଁ ତୁମେ ମୋ ପାଖକୁ ଚାଲିଆସ । ହ. କାଆବ୍ ବିନ୍ ମାଲିକ୍ ର.ଅ କହିଦେଲେ ଯେ, ଏଇଟା ସୈତାନ୍‌ର ଶେଷ ଆକ୍ରମଣ ଅଟେ । ଆପଣ ର.ଅ ପତ୍ରକୁ ଚିରି ଚୁଲିରେ ଫିଙ୍ଗି ଦେଲେ ଏବଂ ସନ୍ଦେଶ ବାହକକୁ କହିଲେ, ହେ ସନ୍ଦେଶ ବାହକ ! ତୁମେ ନିଜର ସମ୍ରାଟ୍‌କୁ ଏହି ସନ୍ଦେଶ ଦେଇଦେବ । କିନ୍ତୁ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: " ଆଜିକାଲିକା ଲୋକମାନେ ଅଛନ୍ତି ।" ଜମାଅତ୍‌ରେ ସେତେବେଳେ ଯେଉଁ ଅବସ୍ଥା ଥିଲା କି ସେମାନଙ୍କୁ ଯଦି କିଛି ପଚରା ଉଚରା କରାଯାଏ ତେବେ ସେମାନେ କୁହନ୍ତି ଯେ, ଆମ ସେବାର ମାନ (ଟେକ) ରଖାଗଲା ନାହିଁ । ଆମର ଓ ଆମ କର୍ମର ମୂଲ୍ୟବୋଧ ପ୍ରତି ସମ୍ମାନ ପ୍ରଦର୍ଶନ କରାଗଲା ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଏକଥା ମନେରଖିବା ଉଚିତ୍ ଯେ, ବ୍ୟବସ୍ଥା ଅନ୍ୟ ପ୍ରସଙ୍ଗ ଅଟେ ଓ କାମ କରିବା ଅନ୍ୟ ଏକ ପ୍ରସଙ୍ଗ ଅଟେ । ବ୍ୟବସ୍ଥାକୁ ଅବ୍ୟାହତ ରଖିବା ନିମନ୍ତେ ଯଦି ଜଣେ ବ୍ୟକ୍ତି କୌଣସି ଭୁଲ୍ କାମ କରେ ବା ଦୋଷ କରେ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିକୁ ପଚରା ଯାଇଥାଏ । ସେ ଯିଏ ହେଉ ନା କାହିଁକି ତାକୁ ଅବଶ୍ୟ ପଚରାଯିବ । ଅତଏବ୍ ଈଶ୍ୱରଙ୍କ ଆଦେଶାବଳୀ ଅନୁଯାୟୀ ଧର୍ମ ନିମନ୍ତେ ଏପରି ଉଦ୍ୟମ କର ଯେ, ତୁମେମାନେ ସୈତାନ୍‌କୁ ଘଉଡ଼ାଇ ଦେବ । କିନ୍ତୁ ତୁମେମାନେ ଏପରି ଉଦ୍ୟମ କର ନାହିଁ ଯେ, ତୁମର ସେବା କରିବା ଯୋଗୁଁ ତୁମର ପ୍ରଶଂସା କରାଯିବ କିମ୍ବା ତୁମେମାନେ ଏହା ବିଚାର କର ନାହିଁ ଯେ, ତୁମକୁ  କେହି ପଚାରିବ ନାହିଁ । ପୁନଶ୍ଚ ତୁମେମାନେ ଈଶ୍ୱରଙ୍କ ପ୍ରତି କୌଣସି ଉପକାର ପ୍ରଦର୍ଶନ କର ନାହିଁ । مَنًّ وَ اَذًی କୁ ବିନିଯୋଗ କର ନାହିଁ। ସମସ୍ତ ମାଧ୍ୟମକୁ ବିନିଯୋଗ କରି ଇସ୍‌ଲାମ୍ ଧର୍ମର ସେବା କର ।"**(ଖୁତ୍‌ବାତେ ମହ୍‌ମୁଦ୍, ଗ୍ରନ୍ଥଖଣ୍ଡ-5, ପୃ-527-528, 1917 ମସିହା ଜୁଲାଇ ମାସ 27 ତାରିଖ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେଣୁ ତୁମେମାନେ କେବେ ବି ନିଜର ଉପକାର ପ୍ରଦର୍ଶନ କର ନାହିଁ ଯେ, ତୁମେ ଅମକ ଉପକାର କରିଛ । ବରଂ ତୁମେମାନଙ୍କର ଏହି ମନୋବୃତ୍ତି ହେବା ଉଚିତ୍ ଯେ, ତୁମେମାନେ ଧର୍ମ ଓ ଜମାଅତ୍‌ର ସେବା କର । ଏହି ଉତ୍ସାହ ଏବଂ ଏହି ମନୋଭାବ ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବାର ମନୋଭାବ ତଥା ଉତ୍ସାହ ତୁମମାନଙ୍କ ମଧ୍ୟରେ ଥିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଆଲେଖ୍ୟ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ପ୍ରାରମ୍ଭିକ ଖିଲାଫତ୍‌ରେ ଦିଆଯାଇଥିବା ଖୁତ୍‌ବା ମଧ୍ୟରୁ ଅନ୍ୟତମ ଆଲେଖ୍ୟ ଅଟେ । ପ୍ରଥମ ଆଲେଖ୍ୟଟି 1936 ମସିହାର ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର ଯାତ୍ରା ଏପରି ତାତ୍ତ୍ୱିକପୂର୍ଣ୍ଣ ଥିଲା ଏବଂ ଏପରି କଲ୍ୟାଣମୟ ଯାତ୍ରା ସାବ୍ୟସ୍ତ ହେଲା କି ସମଗ୍ର ଆରବ୍ୟ ଭୂଖଣ୍ଡରେ ମୁସଲମାନମାନଙ୍କର ଆଧିପତିତ୍ୱତା ଆସନ୍ନିତ ହେଲା ଏବଂ ସ୍ୱଳ୍ପ କାଳ ମଧ୍ୟରେ ହିଁ ସମଗ୍ର ଆରବ୍ୟ ଭୂଖମ୍ଡରେ ଇସ୍‌ଲାମ୍ ଧର୍ମର ଧ୍ୱଜା ଉଡ଼ିବାକୁ ଲାଗିଲା । ସୁତରାଂ ଏଥି ସଂକ୍ରାନ୍ତରେ ମଧ୍ୟ ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି: "ତୁବୁକ୍ ଯୁଦ୍ଧରୁ ଫେରିବା ପରେ ଲୋକମାନେ ମଧ୍ୟ ବଶ୍ୟତା ସ୍ୱୀକାର କରିନେଲେ । ପୂର୍ବେ ସେମାନେ ଯୁଦ୍ଧ କରୁଥିଲେ । ପୁନଶ୍ଚ ସେମାନେ ଆଁହଜରତ ସ.ଅଙ୍କ ବଶ୍ୟତା ସ୍ୱୀକାର କରିନେଲେ ଓ ଏତଦ୍‌ପରେ ଆରବର ନାନା ସଂପ୍ରଦାୟ ପାଳି କରି ଇସ୍‌ଲାମ୍ ଧର୍ମର ଶାସନରେ ପ୍ରବିଷ୍ଟ ହେବା ନିମନ୍ତେ ଅନୁମତି ଲୋଡ଼ିଲେ ଏବଂ ସ୍ୱଳ୍ପ କାଳ ମଧ୍ୟରେ ହିଁ ସମଗ୍ର ଆରବ୍ୟ ଭୂଖଣ୍ଡରେ ଇସ୍‌ଲାମ୍ ଧର୍ମର ଧ୍ୱଜା ଉଡ଼ିବାକୁ ଲାଗିଲା ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-363)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧରୁ ଫେରିବା ପରେ ଆଉ ଏକ ଯୁଦ୍ଧ ମଧ୍ୟ ହୋଇଥିଲା ଯାହାକୁ ସରିୟା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ମଧ୍ୟ କୁହାଯାଏ । ଉକ୍ତ ଯୁଦ୍ଧ ନଜ୍‌ରାନ୍‌ର ବନୁ ଅବ୍‌ଦୁଲ୍ ମଦାନ୍ ଯେଉଁମାନେ କି ବନୁ ହାରିସ୍ ବିନ୍ କାଆବ୍‌ଙ୍କ ମଧ୍ୟରୁ ଅନ୍ୟତମ ଥିଲେ ସେମାନଙ୍କ ସହିତ ହୋଇଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅବ୍‌ଦୁଲ୍ ଯାହା ଆଡ଼କୁ ସଂପ୍ରଦାୟର ଇଙ୍ଗିତ କରାଯାଇଛି ସେ ବନୁ ହାରିସ୍ ସଂପ୍ରଦାୟର ପିତାମହ ଥିଲା ଏବଂ ତାର ନାମ ଅମ୍ର ବିନ୍ ୟଜିଦ୍ ଥିଲା । ଇବ୍‌ନେ ସାଆଦ୍‌ଙ୍କ ବର୍ଣ୍ଣନାନୁଯାୟୀ ଏହି ଯୁଦ୍ଧ ରବିଉଲ୍ ଅୱଲ୍ ମାସ 10 ହିଜ୍ରୀରେ ହୋଇଥିଲା । ଅପରପକ୍ଷେ ଇବ୍‌ନେ ହିଶ୍ଶାମଙ୍କ ଅନୁୟାୟୀ ଉକ୍ତ ଯୁଦ୍ଧ ରବିଉ୍ଲ ଅୱଲ୍ ମାସ କିମ୍ବା ଜୁମାଦିଇଲ୍ ଉଲା 10 ହିଜ୍ରିରୀରେ ହୋଇଥିଲା । ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀରୁଦ୍ଦୀନ୍ ସାହେବ ହ. ଖାଲିଦ୍ ବିନ୍ ୱଲିଦଙ୍କୁ ନଜ୍‌ରାନ ଆଡ଼କୁ ପ୍ରେରଣ କରିବାର ସମୟକାଳ ରବିଉଲ୍ ଅୱଲ୍ ମାସ 10 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି । **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-2, ପୃ-128, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1990 ମସିହା)(ଅସ୍ ସିରତୁନ୍ ନବୱିୟାହ୍, ଲିଇବ୍‌ନି ହିଶ୍ଶାମ୍, ପୃ-861, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2001 ମସିହା)(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଘଟଣାର ବିବରଣୀ ଏହିପରି ଅଟେ ଯେ, ଆପଣ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଆଦେଶ ଦେଲେ  କି ସେ ଯୁଦ୍ଧ ଲଢିବା ପୂର୍ବରୁ ପ୍ରଥମେ ଅବିଶ୍ୱାସକାରୀମାନଙ୍କୁ ଅର୍ଥାତ୍ ଯେଉଁମାନଙ୍କ ଆଡ଼କୁ ସୈନ୍ୟବାହିନୀ ପ୍ରେରଣ କରାଯାଇଛି ସେହିମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ତିନିଥର ଆମନ୍ତ୍ରିତ କରିବେ । ଯଦି ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନିଅନ୍ତି ତେବେ ଭଲ କଥା, ଅନ୍ୟଥା ଯୁଦ୍ଧ କରିବ । ଅର୍ଥାତ୍ ଯଦି ପ୍ରତିପକ୍ଷ ଯୁଦ୍ଧ କରିବାକୁ ଉଦ୍ୟମ କରେ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ତିନିଥର ସେମାନଙ୍କୁ ଇସ୍‌ଲାମ୍ ଧର୍ମ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ର ଶିକ୍ଷା ଆଡ଼କୁ ଆମନ୍ତ୍ରିତ କରିବ । ଏସବୁ ସତ୍ତ୍ୱେ ବି ଯଦି ସେମାନେ ଯୁଦ୍ଧ କରିବାକୁ ଅଗ୍ରହ ପ୍ରକାଶ କରନ୍ତି ତେବେ ଠିକ୍  ଅଛି ସେମାନଙ୍କ ସହିତ ଯୁଦ୍ଧ କର । ସୁତରାଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଏହିପରି ହିଁ କଲେ ଏବଂ ଏହି ସମସ୍ତ ଲୋକମାନେ ମୁସଲମାନ ହୋଇଗଲେ । ସୁତରାଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେମାନଙ୍କ ମଧ୍ୟରେ ଅବସ୍ଥାନ କଲେ । ଅର୍ଥାତ୍ ସେମାନଙ୍କ ମଧ୍ୟରେ କେବଳ ତବ୍‌ଲିଗ୍ କଲେ, ଯୁଦ୍ଧ କଲେ ନାହିଁ ଓ ସେମାନେ ମୁସଲମାନ ହୋଇଗଲେ । ହ. ଖିଲିଦ୍ ବିନ୍ ୱଲିଦ୍ ର.ଅ ସେମାନଙ୍କ ମଧ୍ୟରେ ଅବସ୍ଥାନ କରି ସେମାନଙ୍କୁ ଇସ୍‌ଲାମ୍ ଧର୍ମ, ଅଲ୍ଲାଃତାଲାଙ୍କ ଗ୍ରନ୍ଥ ଅର୍ଥାତ୍ ପବିତ୍ର କୁରଆନ୍ କରୀମ ଓ ନବୀ କରୀମ୍ ସ.ଅଙ୍କ ସୁନ୍ନତ୍ (ପରମ୍ପରା ବା ରୀତି) ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରିବା ଆରମ୍ଭ କଲେ । ଅତଏବ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଏହା ହିଁ ଆଁହଜରତ ସ.ଅ ଆଦେଶ ଦେଇଥିଲେ । ଏତଦ୍‌ପରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଏକ ପତ୍ର ହୁଜୁର୍ ସ.ଅଙ୍କ ଆଡ଼କୁ ପ୍ରେରଣ କଲେ ଏବଂ ସେହି ପତ୍ରରେ ଆପଣ ର.ଅ ଏହା ଉଲ୍ଲେଖ କଲେ ଯେ, ହ. ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ଆଡ଼କୁ **ଅସ୍ ସଲାମୁ ଅଲୈକା ୟା ରସୁଲୁଲ୍ଲାଃହି ୱ ରହମତୁଲ୍ଲାଃହି ୱ ବରକାତୁହୁ** । ମୁଁ ସେହି ଈଶ୍ୱରଙ୍କ ପ୍ରଶଂସା ବା ସ୍ତୁତିଗାନ କରୁଛି ଯାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି । ଅମ୍ମା ବାଆଦ୍, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆପଣ ସ.ଅ ମୋତେ ବନୁ ହାରିସ୍ ଆଡ଼କୁ ପ୍ରେରଣ କରିଥିଲେ ଏବଂ ମୋତେ ଆପଣ ସ.ଅ ଏହି ଆଦେଶ ଦେଇଥିଲେ ଯେ, ମୁଁ ସେମାନଙ୍କୁ ତିନି ଦିନ ପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମର ଶିକ୍ଷା ଦେବି ଏବଂ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବି । ପୁନଶ୍ଚ ଯଦି ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନିଅନ୍ତି ତେବେ ମୁଁ ସେମାନଙ୍କ ଗହଣରେ ରହି ସେମାନଙ୍କୁ ଇସ୍‌ଲାମ୍ ଧର୍ମର ଆଦେଶାବଳୀ, ପବିତ୍ର କୁରଆନ୍ ଓ ଆପଣ ସ.ଅଙ୍କ ସୁନ୍ନତ୍ ସଂପର୍କରେ ଶିକ୍ଷା ପ୍ରଦାନ କରିବି । ଯଦି ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର ନକରନ୍ତି ତେବେ ମୁଁ ସେମାନଙ୍କ ସହିତ ଯୁଦ୍ଧ କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ କଥା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇ ନାହିଁ ଅବା ଅନ୍ୟ ସ୍ଥାନରେ କେତେକ ବର୍ଣ୍ଣନା ମିଳି ଯାଇଥାଏ । କିନ୍ତୁ ଇସ୍‌ଲାମ୍ ଧର୍ମର ଶିକ୍ଷା ଏହା ନୁହେଁ ଯେ, ଲୋକମାନଙ୍କୁ ବଳପୂର୍ବକ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ ବାଧ୍ୟ କରାଯାଉ । ଏହା ହିଁ ଅର୍ଥ ରହିଥିଲା ଯେ, ହେ ଖାଲିଦ୍ ! ତୁମେ କୌଣସି ଚୁକ୍ତି ସେ କରିବେ ନାହିଁ କିମ୍ବା ଯଦି ବି ସେମାନେ ତୁମ ସହିତ ଯୁଦ୍ଧ କରନ୍ତି ତେବେ ମୁଁ ତୁମକୁ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଅନୁମତି ପ୍ରଦାନ କରୁଛି । ଅତଏବ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ କୁହନ୍ତି: "ମୁଁ ସେମାନଙ୍କ ନିକଟକୁ ଆସିଲି ଏବଂ ଆପଣ ସ.ଅଙ୍କ ଆଦେଶମତେ ତିନି ଦିନ ପର୍ଯ୍ୟନ୍ତ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲି ଏବଂ ଅଶ୍ୱାରୋହୀମାନଙ୍କୁ ସେମାନଙ୍କ ନିକଟକୁ ପ୍ରେରଣ କଲି ଏବଂ କହିଲି, ହେ ବନୁ ହାରିସ୍ ସଂପ୍ରଦାୟ ତୁମେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଅ ! ତୁମେମାନେ ସୁରକ୍ଷିତ ରହିବ । ଅତଏବ୍ ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ଏବଂ ଯୁଦ୍ଧରୁ ସେମାନେ ନିବୃତ୍ତ ରହିଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଯେତେବେଳେ ପ୍ରଚାର କଲେ ସେତେବେଳେ ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ଉକ୍ତ ବାକ୍ୟରୁ ଏହା ସ୍ପଷ୍ଟ ପ୍ରତିଭାତ ହୋଇଯାଉଛି ଯେ, ସେମାନେ ଯୁଦ୍ଧରୁ ନିବୃତ୍ତ ରହିଥିଲେ। ସେମାନେ ଯୁଦ୍ଧ କରିବାରେ ଆଗଭର ହେଲେ ନାହିଁ । ଯେତେବେଳେ ଶତ୍ରୁ ପକ୍ଷ ଆଗଭର ହେଲା ନାହିଁ ତେବେ ହ. ଖାଲି ଦ୍ ବିନ୍ ୱଲିଦ୍ ର.ଅ ମଧ୍ୟ ଯୁଦ୍ଧ କଲେ ନାହିଁ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ତବ୍‌ଲିଗ୍ କରିବାକୁ ଯାଇଥିଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ମୁଁ ସେଠାରେ ଅବସ୍ଥାନ କଲି ଏବଂ ଧର୍ମ ସମ୍ବନ୍ଧୀୟ କରଣୀୟ ଓ ଅକରଣୀୟ  ଆଦେଶାବଳୀ ସଂପର୍କରେ ସେମାନଙ୍କୁ ଅବଗତ କଲି ଏବଂ ସେମାନଙ୍କୁ କହିଲି ଯେ, ଭବିଷ୍ୟତରେ ଆଁହଜରତ୍ ସ.ଅଙ୍କ ପକ୍ଷରୁ ଯେଉଁ ଆଦେଶବଳୀ ପ୍ରଣୀତ ହେବ ତଦନୁଯାୟୀ ସେମାନେ ଆଦେଶାବଳୀକୁ କାର୍ଯ୍ୟକାରୀ କରିବେ । والسلام علیك یا رسول الله ورحمة الله وبرکاته ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁଜୁର୍ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଉକ୍ତ ପତ୍ରର ପ୍ରତ୍ୟୁତ୍ତରରେ କହିଲେ: "بسم الله الرحمن الرحیم । ମୁହମ୍ମଦ୍ ଈଶ୍ୱରଙ୍କ ବାର୍ତ୍ତାବହଙ୍କ ତରଫରୁ ଖାଲିଦ୍ ବିନ୍ ୱଲିଦଙ୍କୁ ସଲାମ (ନମସ୍କାର) ମୁଁ ସେହି ଈଶ୍ୱରଙ୍କ ପ୍ରଶଂସା କରୁଛି ଯାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । **ଅମ୍ମା ବାଦ୍** ! ହେ ଖାଲିଦ୍ ! ତୁମର ପତ୍ର ସନ୍ଦେଶବାହକ ସହିତ ମୋତେ ପ୍ରାପ୍ତ ହେଲା ଏବଂ ଏହା ଜ୍ଞାତ ହେଲା ଯେ, ବନୁ ହାରିସ୍ ସଂପ୍ରଦାୟ ଇସ୍‌ଲାମ୍ ଧର୍ମ ସ୍ୱକୀରା କରି ନେଇଛି ଏବଂ ଯୁଦ୍ଧ କରିବା ପୂର୍ବରୁ لا اله الا الله محمد رسول الله ର ସାକ୍ଷ୍ୟ ଦେଲା ଏବଂ ଈଶ୍ୱରଙ୍କ ତରଫରୁ ଏହି ସତମାର୍ଗ ଯାହାକୁ ସେ ଆମ ସପକ୍ଷରେ କଲେ । ଅତଏବ୍ ହେ ଖାଲିଦ୍! ତୁମେ ସେମାନଙ୍କୁ ଈଶ୍ୱରଙ୍କ ପୁଣ୍ୟାତ୍ମକ ପ୍ରତିଫଳର ଶୁଭ ସୂଚନା ପ୍ରଦାନ କରିଦିଅ ଏବଂ ସେମାନଙ୍କୁ ଈଶ୍ୱରଙ୍କ ଶାସ୍ତି ଠାରୁ ଡରାଅ ଓ ତୁମେ ସ୍ୱୟଂ ସେହି ସଂପ୍ରଦାୟର କେତେକ ଲୋକମାନଙ୍କୁ ନିଜ ସହିତ ଧରି ମୋ ସମ୍ମୁଖରେ ଉପସ୍ଥିତ ହୁଅ । والسلام علیك ورحمة الله وبرکاته ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଆଁହଜରତ ସ.ଅଙ୍କ ଉକ୍ତ ଆଦେଶାକୁ ଦେଖି ବନୁ ହାରିସ୍ ସଂପ୍ରଦାୟର କେତେକ ସଦସ୍ୟମାନଙ୍କୁ ସାଙ୍ଗରେ ଧରି ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ସେହି ଲୋକମାନେ ହେଲେ, କୈସ୍ ବିନ୍ ହୁସୈନ୍, ୟଜିଦ୍ ବିନ୍ ଅବଦ୍ଦୁର୍ ମଦାନ୍, ୟଜିଦ୍ ବିନ୍ ମୁଅଜ୍ଜଲ୍, ଅବ୍‌ଦୁଲ୍ଲାଃ ବିନ୍ କୁରାଦ୍, ଶଦ୍ଦାଦ୍ ବିନ୍ ଅବ୍‌ଦୁଲ୍ଲାଃ, ଅମ୍ର ବିନ୍ ଅବ୍‌ଦୁଲ୍ଲାଃ । ଯେତେବେଳେ ଏହି ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅ ସେମାନଙ୍କୁ ଦେଖି କହିଲେ: ହେ ଖାଲିଦ୍ ! ଏମାନେ କିଏ ଅଟନ୍ତି ? ଏହା ଜ୍ଞାତ ହୁଏ ଯେ, ଏହି ଲୋକମାନେ ହିନ୍ଦୀ ଅଟନ୍ତି । କୁହାଗଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏହି ଲୋକମାନେ ବନୁ ହାରିସ୍ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ ଲୋକ ଅଟନ୍ତି । ଏହି ଲୋକମାନେ ରସୁଲ୍ କରୀମ୍ ସ.ଅଙ୍କୁ ସଲାମ୍ କଲେ ଏବଂ କହିଲେ, ହେ ମୁହମ୍ମଦ୍ ସ.ଅ ! ଆମେମାନେ ସାକ୍ଷ୍ୟ ଦେଉଛୁ ଯେ, ଆପଣ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି ଏବଂ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ମୁଁ ମ ଧ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟ ନୁହନ୍ତି । ନିଃସନ୍ଦେହ ରୂପେ ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ପୁନଶ୍ଚ ରସୁଲ୍ କରୀମ୍ ସ.ଅ କହିଲେ, ତୁମେମାନେ ହେଉଛ ସେହି ଲୋକ ଯେଉଁମାନେ ଶତ୍ରୁମାନଙ୍କ ସହିତ ଯେତେବେଳେ ଯୁଦ୍ଧ କର ସେତେବେଳେ ତୁମେମାନେ ଶତ୍ରୁକୁ ଘଉଡ଼ାଇ ଦେଇଥାଅ ? ଲୋକମାନେ ନିରବ ରହିଲେ । ସେମାନଙ୍କ ମଧ୍ୟରୁ କେହି ବି ଆଗକୁ ଅଗ୍ରସର ହେଲା ନାହିଁ । ଅର୍ଥାତ୍ କିଛି କିହଲା ନାହିଁ । ରସୁଲୁଲ୍ଲାଃ ସ.ଅ ଉକ୍ତ ବାକ୍ୟକୁ ଯେତେବେଳେ ପୁନରାବୃତ୍ତି କଲେ ସେତେବେଳେ ମଧ୍ୟ ଏହି ଲୋକମାନେ ନିରବ ରହିଲେ । ସେହି ଲୋକମାନଙ୍କ ମଧ୍ୟରୁ କେହି ବି ଆଗକୁ ବଢିଲା ନାହିଁ । ଏପର୍ଯ୍ୟନ୍ତକି ହୁଜୁର୍ ସ.ଅ ଚତୁର୍ଥ ଥର ପାଇଁ ଏହି ବାକ୍ୟକୁ ବରମ୍ବାର ଦୋହୋରାଇଲେ ଅର୍ଥାତ୍ ତୁମେମାନେ ହେଉଛ ସେହି ଲୋକ ଯେଉଁମାନେ ଶତ୍ରୁମାନଙ୍କ ସହିତ ଯେତେବେଳେ ଯୁଦ୍ଧ କର ସେତେବେଳେ ତୁମେମାନେ ଶତ୍ରୁକୁ ଘଉଡ଼ାଇ ଦେଇଥାଅ । ଅର୍ଥାତ୍ ତୁମମାନଙ୍କର ଏହି ଅବସ୍ଥା ଥିଲା ଯେ, ତୁମେମାନେ ନିଜକୁ ବହୁତ ଶକ୍ତିଶାଳୀ ବୋଲି ମନେକରୁଥିଲ । ସେତେବେଳେ ୟଜିଦ୍ ବିନ୍ ଅବଦ୍ଦୁଲ୍ ମଦାନ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହଁ ଆମେମାନେ ହେଉଛୁ ସେହି ଲୋକ । କିନ୍ତୁ ଏଠାରେ କଥାଟା ଓଲଟା ହୋଇଯାଇଛି । ରସୁଲୁଲ୍ଲାଃ ସ.ଅ କହିଲେ, ଯଦି ଖାଲିଦ୍ ମୋତେ ପତ୍ର ନ ଲେଖି ଥାଆନ୍ତେ ଯେ, ତୁମେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଛ ତେବେ ମୁଁ ତୁମମାନଙ୍କର ମୁଣ୍ଡକୁ ତୁମ ପାଦ ତଳେ ପକାଇ ଦେଇଥାଆନ୍ତି । ଅର୍ଥାତ୍ ତୁମର ସ୍କନ୍ଧଚ୍ୟୁତ କରି ଦେଇଥାଆନ୍ତି । ୟଜିଦ୍ ବିନ୍ ଅବ୍‌ଦୁଲ୍ ମଦାନ୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅ କିମ୍ବା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କର କୃତଜ୍ଞ ନାହୁଁ । ଅର୍ଥାତ୍  ୟଜିଦ୍ ବିନ୍ ଅବ୍‌ଦୁଲ୍ ମଦାନ୍ ନୂଆ ନୂଆ କରି ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲା ତେଣୁ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କର କୃତଜ୍ଞ ନାହୁଁ । ରସୁଲୁଲ୍ଲାଃ ସ.ଅ ପଚାରିଲେ ତେବେ ହେ ୟଜିଦ୍ ତୁମେ କାହାର କୃତଜ୍ଞ ଅଟ ? ସେ କହିଲେ, ଆମେମାନେ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରୁଛୁ ଯିଏ ଆମମାନଙ୍କୁ ଆପଣ ସ.ଅଙ୍କ ମାଧ୍ୟମରେ ସତ୍‌ମାର୍ଗ ପ୍ରଦାନ କଲେ । ଅର୍ଥାତ୍ ୟଜିଦ୍ ବିନ୍ ଅବ୍‌ଦୁଲ୍ ମଦାନ ଅତ୍ୟନ୍ତ ସୁନ୍ଦର ଉତ୍ତର ଦେଲା । ରସୁଲୁଲ୍ଲାଃ ସ.ଅ କହିଲେ, ହେ ୟଜିଦ୍ ବିନ୍ ଅବ୍‌ଦୁଲ୍ ମଦାନ୍ ! ତୁମେ ସତ କହୁଛ । ଆଁହଜରତ ସ.ଅ ପୁନଶ୍ଚ କହିଲେ, ହେ ୟଜିଦ୍ ! ତୁମେ ମୋତେ ଏହା କୁହ ଯେ, ତୁମେମାନେ କେଉଁ କାରଣରୁ ଅଶିକ୍ଷିତ ଯୁଗରେ ନିଜର ବିରୋଧୀମାନଙ୍କ ଉପରେ ବିଜୟ ପ୍ରାପ୍ତ କୁରଥିଲେ ? ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଏକତ୍ରିତ ହୋଇ ଶତ୍ରୁ ସହିତ ଲଢୁଥିଲୁ । ଆମେମାନେ ଏହା ମନେକରୁଥିଲୁ କି ଆମେମାନେ ଯଦି ଏକତ୍ରିତ ହୋଇ ଲଢିବୁ ତେବେ ଆମେମାନେ ଅବଶ୍ୟ ବିଜୟୀ ହେବୁ ଓ ଆମମାନଙ୍କୁ କେହି ବି ପରାସ୍ତ କରି ପାରିବ ନାହିଁ । ଯେତେବେଳେ ଇସ୍‌ଲାମ୍ ଧର୍ମ ଆସିଲା ଏବଂ ଇସ୍‌ଲାମ୍ ଧର୍ମ ସମସ୍ତ ସଂପ୍ରଦାୟକୁ ଏକତ୍ରିତ କରିଦେଲା ଏବଂ ନାନା ସଂପ୍ରଦାୟ ମଧ୍ୟ ଏକ ହୋଇଗଲେ ସେତେବେଳେ ଆମେମାନେ ବୁଝି ପାରିଲୁ ଯେ, ଏହି ଲୋକମାନେ ମଧ୍ୟ ଏକତ୍ରିତ ଅଟନ୍ତି । ଆମେମାନେ ଯଦି ମସୁଲମାନମାନଙ୍କ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِیْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ସହିତ ନଲଢିଲୁ ତେବେ ତହିଁରେ ହିଁ ମଙ୍ଗଳ ରହିଛି । ଆମେମାନେ କେବଳ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲୁ ନାହିଁ ବରଂ ଆମେମାନେ ଏହା ମନକଲୁ ଯେ, ଇସ୍‌ଲାମ୍ ଧର୍ମ ହିଁ ସତ୍ୟ ଧର୍ମ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କୈସ୍ ବିନ୍ ହୁସୈନ୍‌ଙ୍କୁ ବନୁ ହାରିସ୍ ସଂପ୍ରଦାୟର ଅମୀର ରୂପେ ନିଯୁକ୍ତ କରାଗଲା । ଶୱାଲ୍‌ର ଶେଷ କିମ୍ବା ଜୁଲ୍ କାଆଦାର ପ୍ରାରମ୍ଭରେ ସେହି ଲୋକମାନଙ୍କୁ ପ୍ରେରଣ କଲେ । ସେହି ଲୋକମାନେ ନିଜ ଜାତିରେ ପହଞ୍ଚିବାର ଚାରି ମାସ ପରେ ଆଁହଜରତ ସ.ଅଙ୍କ ଅକାଳ ବିୟୋଗ ହୋଇଗଲା । **(ଅସ୍ ସିରତୁନ୍ ନବୱିୟାହ୍, ଲିଇବ୍‌ନି ହିଶ୍ଶାମ୍, ପୃ-861-863, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ ଲେବ୍‌ନାନ୍, 2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଶେଷ ଯୁଦ୍ଧ ତୁବୁକ୍ ଯୁଦ୍ଧ ଥିଲା ଏବଂ ଶେଷ ସୈନ୍ୟବାହିନୀ ଯାହାକୁ ଆପଣ ସ.ଅ ପ୍ରେରଣ କରିଥିଲେ ତାହା ହ. ଉସ୍ୱାମା ବିନ୍ ଜୈଦ୍‌ଙ୍କ ସୈନ୍ୟବାହିନୀ ଥିଲା । ହ. ଉସ୍ୱାମା ର.ଅଙ୍କ ସୈନ୍ୟବାହିନୀର ସବିଶେଷ ବିବରଣୀର ଚର୍ଚ୍ଚାରେ ଓ ହ. ଅବୁ ବକ୍କର ର.ଅଙ୍କ ଚର୍ଚ୍ଚା ପୂର୍ବେ ହୋଇ ସାରିଛି । କିନ୍ତୁ ଏଠାରେ ମୁଁ ଏହାର ସଂକ୍ଷିପ୍ତ ପୃଷ୍ଠଭୂମି ସଂପର୍କରେ ଆଲୋଚନା କରି ଦେଉଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାଟି ବୁଖାରୀର ଅଟେ । ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଲୋକମାନଙ୍କୁ ହ. ଜୈଦ୍ ର.ଅ ଏବଂ ହ. ଜାଫର୍ ର.ଅ ଓ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ମୃତ୍ୟୁର ସୂଚନା ଲୋକମାନଙ୍କ ପାଖରେ ପହଞ୍ଚିବା ପୂର୍ବରୁ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କ ସୈନ୍ୟବାହିନୀ ଉପରୋକ୍ତର ବର୍ଣ୍ଣିତ ଲୋକମାନଙ୍କର ସୈନ୍ୟବାହିନୀ ଅର୍ଥାତ୍ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କ ସୈନ୍ୟ ପୂର୍ବରୁ ଏମାନଙ୍କର ସୈନ୍ୟବାହିନୀ ପ୍ରଥମେ ଯୁଦ୍ଧଭୂମିକୁ ଯାଇଥିଲା । ଆପଣ ସ.ଅ କହିଲେ, ହ. ଜୈଦ୍ ଧ୍ୱଜା ଧରିଲେ ଏବଂ ସେ ଶହୀଦ୍ ହୋଇଗଲେ, ପୁନଶ୍ଚ ହ. ଜାଫର ର.ଅ ଧ୍ୱଜା ଧରିଲେ ଏବଂ ସେ ମଧ୍ୟ ବୀରଗତି ପ୍ରାପ୍ତ କଲେ । ପୁନଶ୍ଚ ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଧ୍ୱଜା ଧିରେ ଏବଂ ସେ ମଧ୍ୟ ମଧ୍ୟ ବୀରଗତି ପ୍ରାପ୍ତ କ ଲେ । ଆପଣ ସ.ଅଙ୍କ ଚକ୍ଷୁରୁ ଲୁହ ଧାର ଧାର ହୋଇ ବହୁଥିଲା । ପରିଶେଷରେ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ମଧ୍ୟରୁ ଏକ ଖଡ଼୍‌ଗ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଧ୍ୱଜା ଧରିଲେ, ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ବିରୋଧୀ ଶତ୍ରୁମାନଙ୍କ ଉପରେ ବିଜୟ ପ୍ରଦାନ କଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମନାକିବି, ବାବ୍-ମନାକିବି ଖାଲିଦ୍ ବିନ୍ ୱଲିଦ୍ ର.ଅ, ହଦିସ୍ ନଂ-3757, ଗ୍ରନ୍ଥଖଣ୍ଡ-7, ପୃ-243)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହଜ୍ଜତୁଲ୍ ୱିଦାରୁ ଫେରିବା ପରେ ନବୀ କରୀମ୍ ସ.ଅ ଯେତେବେଳେ ମଦିନା ମୁନୱରାହ୍ ଫେରିଲେ ସେତେବେଳେ ଦକ୍ଷିଣ ଦିଗ ପଟୁ ମଦିନାକୁ କୌଣସି ଶତ୍ରୁର ଭୟ ନଥିଲା । କିନ୍ତୁ ଉତ୍ତର ପଟୁ ରୋମ୍‌ବାସୀଙ୍କ ପଟୁ ବର୍ତ୍ତମାନ ସୁଦ୍ଧା ବିପଦ ରହିଥିଲା । କାରଣ ସେହି ଖ୍ରୀଷ୍ଟମାନଙ୍କୁ ଏପର୍ଯ୍ୟନ୍ତ ନିଜର ବଳ ଏବଂ ଶକ୍ତି ଉପରେ ବିଶ୍ୱାସ ଓ ଅହଂକାର ଥିଲା । ତେଣୁ ଯେକୌଣସି ମୁହୂର୍ତ୍ତରେ ବି ସେମାନଙ୍କ ପକ୍ଷରୁ ଅକ୍ରମଣ ହୋଇପାରି ଥାଆନ୍ତା ଏବଂ ସେପରି କହିବାକୁ ଗଲେ ମୁଉତା ଯୁଦ୍ଧରେ ଶହୀଦ୍ ହୋଇଥିବା ମୁସଲମାନମାନଙ୍କର ପ୍ରିତଶୋଧ ମଧ୍ୟ ଅବଶିଷ୍ଟ ରହିଥିଲା । କାରଣ ସେହି ଯୁଦ୍ଧରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଅଭିଜ୍ଞତା ଏବଂ ଅନୁଭବ ଯୋଗୁଁ ମୁସଲମାନମାନଙ୍କର ସୈନ୍ୟବାହିନୀ ମଦିନା ଫେରି ଆସ୍‌ବାକୁ ସକ୍ଷମ ହୋଇପାରିଥିଲା । ହଜ୍ କରିବା ସାରିବା ପରେ ଆପଣ ସ.ଅ ଙ୍କୁ ମଦିନା ଆସିବାକୁ ବର୍ତ୍ତମାନ ଅଧିକ ଦିନ ବିତି ନଥିଲା କି କିଛି ଦିନ ପରେ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କ ନେତୃତ୍ୱରେ ଏକ ସୈନ୍ୟବାହିନୀକୁ ଆପଣ ସ.ଅ ସିରୀୟାର ସୈନ୍ୟବାହିନୀ ଉପରେ ଆକ୍ରମଣ କରିବା ନିମନ୍ତେ ଆଦେଶ ଦିଆଗଲା । **(ହୟାତେ ମୁହମ୍ମଦ ସ.ଅ, ଲେଖକ-ହୁସୈନ୍ ହୈକଲ୍, ଅନୁବାଦକ- ଅବୁ ଫଜଲ୍ ମୁହମ୍ମଦ୍ ଖାନ୍, ପୃ-597)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉସ୍ୱାମା ବିନ୍ ଜୈଦ୍‌ଙ୍କ ସୈନ୍ୟବାହିନୀର ପ୍ରସ୍ତୁତି ରସୁଲ୍ କରୀମ୍ ସ.ଅଙ୍କ ବିୟୋଗର ଦୁଇ ଦିନ ପୂର୍ବେ ଶନିବାର ଦିନ ହେଲା ଏବଂ ସୈନ୍ୟବାହିନୀର ପ୍ରସ୍ତୁତି ଆପଣ ସ.ଅଙ୍କ ଅସୁସ୍ଥତା ପୂର୍ବରୁ ହିଁ ହୋଇ ସାରିଥିଲା। ଆପଣ ସ.ଅ ସଫର ମାସର ଶେଷରେ ରୋମୀୟମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଆଦେଶ ଦେଲେ । ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କୁ ଡାକି ଆପଣ ସ.ଅ କହିଲେ, ହେ ଉସ୍ୱାମା ! ତୁମେ ନିଜ ଶାହାଦତ୍ ଅର୍ଥାତ୍ ବୀରଗତି ପ୍ରାପ୍ତ କରିବାର ସ୍ଥାନ ଆଡ଼କୁ ପ୍ରସ୍ଥାନ କର । ହ. ଜୈଦ୍ ର.ଅଙ୍କୁ ପ୍ରଥମ ଯୁଦ୍ଧରେ ଯେଉଁଠି ଶହୀଦ୍ କରାଯାଇଥିଲା ସେଠାକୁ ଯିବା ନିମନ୍ତେ ଆଁହଜରତ୍ ସ.ଅ କହିଲେ, ହେ ଉସ୍ୱାମା! ତୁମେ ସେଠାକୁ ଯାଅ ଏବଂ ସେମାନଙ୍କୁ ଅର୍ଥାତ୍ ଶତ୍ରୁମାନଙ୍କୁ ଅଶ୍ୱର ଖୁର ଦ୍ୱାରା ଦଳି ପକାଅ । ମୁଁ ତୁମକୁ ସେହି ସୈନ୍ୟବାହିନୀର ଅମୀର୍ ରୂପେ ନିଯୁକ୍ତ କରିଅଛି। **(ଫତ୍‌ହୁଲ୍ ବାରି, ଲିଇବ୍‌ନି ହଜର୍, ଗ୍ରନ୍ଥଖଣ୍ଡ-8, ପୃ-192, କଦିମି କୁତୁବ୍ ଖାନା, ଆରାମ୍ ବାଗ୍ କରାଚୀର ବିପରୀତ ପାର୍ଶ୍ୱରେ ଅବସ୍ଥିତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ନବୀ କରୀମ୍ ସ.ଅ କହିଲେ, ବଲ୍‌କାଆ ଏବଂ ଦାରୁମ୍‌ଙ୍କୁ ଅଶ୍ୱ ଦ୍ୱାରା ଦଳିଦିଅ । ବଲ୍‌କା ସିରୀୟା ଦେଶରେ ଅବସ୍ଥିତ ଏକ ଅଞ୍ଚଳ ଅଟେ ଯାହା ଦମିଶ୍କ୍ ଏବଂ କୁରା ଉପତ୍ୟକାର ମଧ୍ୟରେ ଅବସ୍ଥିତ ଏକ ସ୍ଥାନ ଅଟେ । ଦାରୁମ୍ ମିସିର୍ ଯିବା ବାଟରେ ଗାଜା ପରେ ଏକ ସ୍ଥାନର ନାମ ଅଟେ । ସିରୀୟା ଅଭିମୁଖେ ଯିବା ନିମନ୍ତେ ଆଦେଶ ଦେଇ ଆପଣ ସ.ଅ କହିଲେ, ହେ ଉସ୍ୱାମା ! "ସକାଳ ହେବା ମାତ୍ରେ ତୁମେ ଉବ୍‌ନାବାସୀଙ୍କ ଉପରେ ଆକ୍ରମଣ କରିଦିଅ । ଉବ୍‌ନା ସିରୀୟା ଦେଶରେ ବଲ୍‌କା ଅଭିମୁଖେ ଏକ ସ୍ଥାନର ନାମ ଅଟେ ଏବଂ କହିଲେ, ହେ ଉସ୍ୱାମା ! ତୁମେ ଦ୍ରୁତ ଗତିରେ ଯାତ୍ରା କର । କାରଣ ସେମାନଙ୍କ ପର୍ଯ୍ୟନ୍ତ ସୂଚନା ପହଞ୍ଚିବା ପୂର୍ବରୁ ତୁମେ ସେଠାରେ ପହଞ୍ଚିଯାଅ । ଅତଏବ୍ ଯଦି ଅଲ୍ଲାଃତାଲା ତୁମକୁ ସଫଳତା ପ୍ରଦାନ କରନ୍ତି ତେବେ ତୁମେ ସେଠାରେ ସାମୟିକ ଅବସ୍ଥାନ କରିବ ଏବଂ ନିଜ ସହିତ ମାର୍ଗ ପ୍ରଦର୍ଶନକାରୀ (ବାଟ ଦେଖାଳୀ) କୁ ନେଇଯିବି ଓ ଗୁପ୍ତଚରମାନଙ୍କୁ ତଥା ଗୁଇନ୍ଦାମାନଙ୍କୁ ନିଜ ଗମନ ପୂର୍ବରୁ ପ୍ରେରଣ କରିଦିଅ । ନବୀ କରୀମ୍ ସ.ଅ ହ. ଉସ୍ୱାମା ବିନ୍ ର.ଅଙ୍କ ନିମନ୍ତେ ସ୍ୱହସ୍ତରୁ ଏକ ଧ୍ୱଜା ପ୍ରସ୍ତୁତ କଲେ, ପୁନଶ୍ଚ କହିଲେ, ହେ ଉସ୍ୱାମା ! ଯିଏ ଅଲ୍ଲାଃତାଲାଙ୍କୁ ପ୍ରତ୍ୟାଖ୍ୟାନ କରେ ତୁମେ ଅଲ୍ଲାଃତାଲାଙ୍କ ନାମୋଚ୍ଚାରଣ କରି ସେହି ଲୋକମାନଙ୍କ ସହିତ ଅଲ୍ଲାଃତାଲା ମାର୍ଗରେ ଯୁଦ୍ଧ କର । ତୁମେମାନେ ପ୍ରତାରଣା କରିବ ନାହିଁ ଅର୍ଥାତ୍ ଧୋକା ଦେବ ନାହିଁ। ତୁମେମାନେ କୁନିପିଲା ଏବଂ ମହିଳାମାନଙ୍କର ସଂହାର କରିବ ନାହିଁ । ହେ ଉସ୍ୱାମା ଏବଂ ହେ ସୈନ୍ୟବାହିନୀ ! ତୁମେମାନେ ଶତ୍ରୁ ସହିତ ମୁହାଁମୁହିଁ ହେବା ନିମନ୍ତେ ଆଶା ପ୍ରକାଶ କର ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ବାକ୍ୟ ମଧ୍ୟ ଶତ୍ରୁର ବିପଦ ଆଡ଼କୁ ଇଙ୍ଗିତ କରେ ଯେ, ଶତ୍ରୁ ଯଦି ଆକ୍ରମଣ କରେ ତେବେ ତୁମେମାନେ ଶତ୍ରୁ ଉପରେ ଆକ୍ରମଣ କରିବ । କିନ୍ତୁ ତୁମେ ଶତ୍ରୁ ସହିତ ମୁକାବିଲା କରିବା ନିମନ୍ତେ କେବେ ବିଁ ଆକାଂକ୍ଷା ବ୍ୟକ୍ତ କରିବ ନାହିଁ । ନିଃସନ୍ଦେହ ତୁମେ ଜାଣି ନାହଁ ଯେ, ଏହି ଆକାଂକ୍ଷା ଯୋଗୁଁ ତୁମମାନଙ୍କୁ ଯେତେବେଳେ ପରୀକ୍ଷା କରାଯିବ ସେତେବେଳେ ତାହା ଅତ୍ୟନ୍ତ କଷ୍ଟ ଦାୟକ ଅଟେ । କିନ୍ତୁ ତୁମେମାନେ ଏହା କୁହ ଯେ, ହେ ଅଲ୍ଲାଃ ! ତୁମ୍ଭେ ଯେପରି ଚାହୁଁଛ ସେହିପରି ଆମ୍ଭମାନଙ୍କୁ ସେମାନଙ୍କ ତୁଳନାରେ ସାହା ହୁଅ ଓ ସେମାନଙ୍କର ଯୁଦ୍ଧକୁ ତୁମ୍ଭେ ଆମ୍ଭ ଠାରୁ ଦୂର କରିଦଅ । ହୁଜୁର ସ.ଅ ଏହି ଦୁଆ ମଧ୍ୟ ଶିଖାଇଲେ ଯେ, ହେ ସୈନ୍ୟବାହିନୀ ! ଯୁଦ୍ଧ କରିବା ଜରୁରୀ ନୁହେଁ । ଯଦି ଯୁଦ୍ଧ ଟଳାଇ ଦିଆଯାଇ ପାରୁଛି ତେବେ ଯୁଦ୍ଧ ଟଳାଇଦିଅ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁଜୁର ସ.ଅ କହିଲେ, ଅତଏବ୍ ଯଦି ଶତ୍ରୁ ଓ ତୁମେମାନେ ପରସ୍ପର ସହିତ ମୁହାଁମୁହିଁ ହୁଅ ଏବଂ ସେମାନେ ଯଦି ଏକତ୍ରିତ ହୋଇ କୋଳାହଳ କରନ୍ତି ତେବେ ତୁମମାନଙ୍କ ପକ୍ଷ ଶାନ୍ତି ଏବଂ ନିରବତା ରକ୍ଷା କରିବା ବିଧେୟ ଅଟେ । କିନ୍ତୁ ଏସବୁ ସତ୍ତ୍ୱେ ବି ଯଦି ଯୁଦ୍ଧ ହୁଏ ତେବେ ତୁମେମାନେ ନିରବତା ଏବଂ ଶାନ୍ତି ଓ ଶୃଙ୍ଖଳାର ସହିତ ଯୁଦ୍ଧ କର । ହେ ମୁସଲମାନ ସୈନ୍ୟବାହିନୀମାନେ! ତୁମେମାନେ ପରସ୍ପର ମଧ୍ୟରେ କଳହ କର ନାହିଁ ଅନ୍ୟଥା ତୁମେମାନେ କାପୁରୁଷ ହୋଇଯିବ । ତୁମର ଆତଙ୍କ ଏବଂ ତୁମର ପ୍ରତିପତିତ୍ୱତା ସମାପ୍ତ ହୋଇଯିବ। ତୁମେମାନେ ନିଜ ମଧ୍ୟରେ ଏକତା ସୃଷ୍ଟି କର ଅର୍ଥାତ୍ ଏକତା ସ୍ଥାପନ କର । ତୁମେମାନେ ଏହା କୁହ ଯେ, ହେ ଅଲ୍ଲାଃ ! ଆମ୍ଭେ ତୁମ୍ଭକ ଭକ୍ତ ଅଟୁ ଏବଂ ସେମାନେ ମଧ୍ୟ ତୁମ୍ଭର ଭକ୍ତ ଅଟନ୍ତି । ଆମ୍ଭମାନଙ୍କର କପାଳ ଓ ସେମାନଙ୍କର କପାଳ ଅର୍ଥାତ୍ ଭାଗ୍ୟ ତୁମ ହାତ ମୁଠାରେ ରହିଛି । ତେଣୁ ତୁମ୍ଭେ ହିଁ ସେମାନଙ୍କ ନିମନ୍ତେ ଯଥେଷ୍ଟ ଅଟେ । ହେ ସୈନ୍ୟବାହିନୀ ! ତୁମେମାନେ ଏକଥା ଜାଣିରଖ ଯେ, ବୈକୁଣ୍ଠ (ସ୍ୱର୍ଗ) ଖଡ଼୍‌ଗର ଛାୟୀ ତଳେ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଉସ୍ୱାମା ବିନ୍ ଜୈଦ୍ ର.ଅ ଆଁହଜରତ ସ.ଅଙ୍କ ହାତ ନିର୍ମିତ (ହାତ ଦ୍ୱାରା ବନ୍ଧା ହୋଇତିବା) ଧ୍ୱଜା ଧରି ବାହାରିଲେ ଏବଂ ସେହି ଧ୍ୱଜାକୁ ହ. ବୁରୈଦା ବିନ୍ ହୁସୈବ୍‌ଙ୍କୁ ହସ୍ତାନ୍ତରେ କଲେ ଓ ଜୁରୁଫ୍ ନାମକ ସ୍ଥାନରେ ସୈନ୍ୟବାହିନୀକୁ ଏକତ୍ରିତ କଲେ । ଜୁରୁଫ୍ ମଦିନା ଠାରୁ ତିନି ମାଇଲ୍ ଦୂରରରେ ଉତ୍ତର ଦିଗରେ ଅବସ୍ଥିତ ଏକ ସ୍ଥାନ ଅଟେ । ପ୍ରବାସକାରୀ ଏବଂ ଅନସାରମାନଙ୍କର ସମ୍ମାନସ୍ପଦ ବ୍ୟକ୍ତିମାନଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ଅବଶିଷ୍ଟ ନଥିଲା । କିନ୍ତୁ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସେହି ବ୍ୟକ୍ତିକୁ ଯୁଦ୍ଧ ନିମନ୍ତେ ଡକାଇ ନିଆଗଲା । ସେମାନଙ୍କ ମଧ୍ୟରେ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ଅବୁ ଉବୈଦାହ୍ ବିନ୍ ଜରରାହ୍ ର.ଅ, ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ, ହ. ସଇଦ୍ ବିନ୍ ଜୈଦ୍ ର.ଅ, ହ. କତାଦା ବିନ୍ ନୁମାନ୍ ର.ଅ, ହ. ସଲମା ବିନ୍ ଅସଲମ୍ ର.ଅ ପ୍ରଭୃତି  ସାହାବାମାନେ ସାମିଲ୍ ଥିଲେ । ସମସ୍ତଙ୍କୁ ହ. ଉସ୍ମାମା ବିନ୍ ଜୈଦ୍ ଅଧୀନତ୍ୱ ଏବଂ ନେତୃତ୍ୱ ସ୍ୱୀକାର କରିବାକୁ କୁହାଗଲା । କିଛି ଲୋକମାନେ କଥାବାର୍ତ୍ତା କରିବା ଆରମ୍ଭ କରିଦେଲେ ଏବଂ କହିଲେ, ଏହି ପୁତ୍ରକୁ ପ୍ରାଥମିକ ପ୍ରବାସକାରୀମାନଙ୍କ ଉପରେ ଅମୀର୍ ରୂପେ ନିଯୁକ୍ତ କରାଯାଉଛି। ସୈନ୍ୟବାହିନୀ ମଧ୍ୟରେ ତ' ବଡ଼ ବଡ଼ ସାହାବାମାନେ ଅଛନ୍ତି । କିନ୍ତୁ ଏହି ସୁପୁତ୍ରକୁ ଅମୀର୍ କରି ଦିଆଯାଇଛି । ଯେତେବେଳେ ଆଁହଜରତ୍ ସ.ଅଙ୍କୁ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ବହୁତ କ୍ଷୁବ୍ଧ ଭାବ ପ୍ରକାଶ କଲେ । ଆପଣ ସ.ଅ ନିଜର ମୁଣ୍ଡକୁ ଏକ ରୁମାଲ୍ ଦ୍ୱାରା ବାନ୍ଧିଥିଲେ ଏବଂ ଆପଣ ସ.ଅ ଏକ ଚଦର ଘୋଡ଼ାଇ ହୋଇଥିଲେ । ଆପଣ ସ.ଅ ମଞ୍ଚ ଉପରେ ଚଢିଲେ ଏବଂ ଅଲ୍ଲାଃତାଲାଙ୍କର ପ୍ରଶଂସାଗାନ କଲେ । ଆପଣ ସ.ଅ ପୁନଶ୍ଚ କହିଲେ, ହେ ଲୋକମାନେ ! ଉସ୍ମାମାଙ୍କ ଅମୀର୍ ହେବା ସଂପର୍କରେ ତୁମମାନଙ୍କ ମଧ୍ୟରୁ କେତେକ ଲୋକମାନଙ୍କର କଥା ମୋ ପର୍ଯ୍ୟନ୍ତ ପହଞ୍ଚିଛି । ମୁଁ ଉସ୍ମାମାକୁ ଅମୀର୍ କରି ଦେଇଥିବା ଯୋଗୁଁ ତୁମେମାନେ ଯଦି କୌଣସି ଆପତ୍ତି କରିଥିଲ ତେବେ ଉସ୍ମାମାଙ୍କ ପୂର୍ବରୁ ମଧ୍ୟ ତାଙ୍କର ପିତାଙ୍କୁ ଯେତେବେଳେ ମୁଁ ଅମୀର କରିଥିଲି, ସେତେବେଳେ ମଧ୍ୟ ତୁମେମାନେ ଆପତ୍ତି କରି ସାରିଛ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ଉସ୍ମାମାଙ୍କ ପିତା ମଧ୍ୟ ଅମୀର୍ ହେବାର ଯୋଗ୍ୟ ପ୍ରାର୍ଥୀ ଥିଲେ । ସେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ ମୋର ସବୁଠୁ ବେଶୀ ପ୍ରିୟତମ ଥିଲେ । ନିଃସନ୍ଦେହ ରୂପେ ଏମାନେ ଦୁହେଁ ଅର୍ଥାତ୍ ଉସ୍ମାମ୍ ଓ ତାଙ୍କର ପିତାଶ୍ରୀ ମହୋଦୟ ଏପରି ବ୍ୟକ୍ତିମାନେ ଅଟନ୍ତି ଯେଉଁମାନଙ୍କ ସଂପର୍କରେ ପ୍ରତ୍ୟେକ ପ୍ରକାରର ପୁଣ୍ୟ ଏବଂ କଲ୍ୟାଣ ସଂପର୍କରେ ବିଚାର କରାଯାଇପାରିବ । ତେଣୁ ଉସ୍ମାମାଙ୍କ ଠାରୁ ପୁଣ୍ୟ ଉପଦେଶ ପ୍ରାପ୍ତ କର । କାରଣ ଉସ୍ମାମା ତୁମମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ବ୍ୟକ୍ତି ଅଟନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହି ମୁସଲମାନମାନେ ଯେଉଁମାନେ ହ. ଉସ୍ମାମା ର.ଅଙ୍କ ସହିତ୍ ସାମିଲ୍ ବାହାରୁଥିଲେ, ସେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ବିଦାୟ ଜଣାଇ ଜୁରୁଫ୍ ନାମକ ସ୍ଥାନରେ ସୈନ୍ୟବାହିନୀ ସହିତ ସାମିଲ୍ ହେବା ନିମନ୍ତେ ଚାଲି ଯାଉଥିଲେ । ରସୁଲୁଲ୍ଲାଃ ସ.ଅଙ୍କ ରୋଗ ବୃଦ୍ଧି ପାଇଲା । କିନ୍ତୁ ଆପଣ ସ.ଅ ତାଗିଦ୍ କରି ଚାଲିଥିଲେ ହେ ମୁସଲମାନମାନେ ତୁମେମାନେ ଉସ୍ମାମାଙ୍କ ସୈନ୍ୟବାହିନୀକୁ ପଠାଅ । ଏହି ସୈନ୍ୟବାହିନୀ ଅବଶ୍ୟ ଓ ଅଲବତ୍ ଯିବ । ରବିବାର ଦିନ ଆଁଜରତ୍ ସ.ଅଙ୍କ ବ୍ୟଥା (ପୀଡ଼ା) ବୃଦ୍ଧି ପାଇଲା ଏବଂ ଆପଣ ର.ଅଙ୍କୁ ଯେତେବେଳେ ଏହି ସୂଚନାଟି ମିଳିଲା ଯେ, ଆଁହଜରତ୍ ସ.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ । ତେବେ ଆପଣ ର.ଅ ଫେରି ଆସିଲେ । ସେହି ଦିନ ଲୋକମାନେ ଆପଣ ସ.ଅଙ୍କୁ ଔଷଧ ପାନ କରିଥିଲେ । ହ. ଉସ୍ମାମା ର.ଅ ନତମସ୍ତକ ହୋଇ ରସୁଲୁଲ୍ଲାଃ ସ.ଅଙ୍କୁ ଚୁମ୍ବନ ଦେଲେ। ଆପଣ ସ.ଅ କିଛି କଥା କହିପାରୁ ନଥିଲେ । କିନ୍ତୁ ଆପଣ ସ.ଅ ନିଜର ଦୁଇ ହାତ ଆକାଶ ଆଡ଼କୁ ଉଠାଇଲେ ଏବଂ ହ. ଉସ୍ମାମା ର.ଅଙ୍କ ମୁଣ୍ଡ ଉପରେ ରଖି ଦେଉଥିଲେ । ହ. ଉସ୍ମାମା ର.ଅ କୁହନ୍ତି: "ମୁଁ ବୁଝିନେଲି ଯେ, ଆପଣ ସ.ଅ ମୋ ନିମନ୍ତେ ଦୁଆ କରୁଛନ୍ତି । ହ. ଉସ୍ମାମା ର.ଅ ସୈନ୍ୟବାହିନୀ ଆଡ଼କୁ ଫେରି ଆସିଲେ। ଯେତେବେଳେ ହ. ଉସ୍ମାମା ର.ଅ ସୋମବାର ଦିନ ପୁନଃ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଆସିଲେ ସେତେବେଳେ ଆଁହଜରତ ସ.ଅ ଟିକେ ସୁସ୍ଥ ହୋଇଯାଇଥିଲେ। ଅର୍ଥାତ୍ ଆପଣ ସ.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ଟିକେ ସୁଧୁରି ଯାଇଥିଲା । ଆପଣ ସ.ଅ ହ. ଉସ୍ମାମା ର.ଅଙ୍କୁ କହିଲେ, ହେ ଉସ୍ମାମା ! ଅଲ୍ଲାଃତାଲାଙ୍କ କଲ୍ୟାଣକୁ ଆୟୁଦ୍ଧ କରି ବାହାରି ପଡ଼ ! ହ. ଉସ୍ମାମା ର.ଅ ଆଁହଜରତ ସ.ଅଙ୍କ ଠାରୁ ବିଦାୟ ନେଇ ନିଜର ସୈନ୍ୟବାହିନୀ ଅଭିମୁଖେ ବାହାରିଲେ ଏବଂ ଲୋକମାନଙ୍କୁ ଆଗାକୁ ଯିବା ନିମନ୍ତେ ଆଦେଶ ଦେଲେ । ଆପଣ ର.ଅ ବର୍ତ୍ତମାନ ପ୍ରସ୍ଥାନ କରିବାର ଇଚ୍ଛା କରି ନଥିଲେ କି ହ. ଉସ୍ମାମା ର.ଅଙ୍କ ମାତା ହ. ଉମ୍ମେ ଐମନଙ୍କ ପକ୍ଷରୁ ଜଣେ ବ୍ୟକ୍ତି ଏକ ସନ୍ଦେଶ ଆଣିଲା ଯେ, ଆଁହଜରତ ସ.ଅଙ୍କ ଶେଷ ସମୟ ଆସି ଯାଇଛି ବୋଲି ଆମମାନଙ୍କୁ ଦୃଶ୍ୟମାନ ହେଉଛି । ପ୍ରତ୍ୟୁତ୍ତରରେ ହ. ଉସ୍ମାମା ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ହ. ଉମର୍ ର.ଅ ଓ ହ. ଅବୁ ଉବୈଦାହ୍ ର.ଅ ମଧ୍ୟରେ ତାଙ୍କ ସହିତ ଥିଲେ । ଆପଣ ସ.ଅଙ୍କ ଉପରେ ମୁମୂର୍ଷ ଅବସ୍ଥା ବିସ୍ତାରିତ ଥିଲା । କିଛି କ୍ଷଣ ପରେ ଆପଣ ସ.ଅଙ୍କ ଅକାଳ ବିୟୋଗ ହେଲା । ଯଦ୍ଦ୍ୱାରାକି ମୁସଲମାନମାନଙ୍କର ସୈନ୍ୟବାହିନୀ ଜୁରୁଫ୍ ନାମକ ସ୍ଥାନରୁ ମଦିନାକୁ ଫେରି ଆସିଲା । ହ. ଅବୁ ଉବୈଦାହ୍ ର.ଅ ଏବଂ ହ. ୟଜିଦ୍ ବିନ୍ ହୁସୈବ୍ ର.ଅ ହ. ଉସ୍ମାମା ର.ଅଙ୍କ ଧ୍ୱଜା ଧରି ଆସିଲେ ଓ ରସୁଲ୍ କରୀମ୍ ସ.ଅଙ୍କ ଦୁଆର ସମ୍ମୁଖରେ ପୋତି ଦେଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ହ. ଉସ୍ମାମା ର.ଅଙ୍କ ସୈନ୍ୟବାହିନୀ ଜୁ ଖୁଶୁବ୍ ନାମକ ସ୍ଥାନରେ ଥିଲା ସେତେବେଳେ ଆଁହଜରତ୍ ସ.ଅଙ୍କ ଅକାଳ ବିୟୋଗ ହୋଇଥିଲା । ଜୁ ଖୁଶୁବ୍ ମଦିନା ଟାରୁ ଏକ ରାତ୍ରର ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନ ଅଟେ । ସିରୀୟା ମାର୍ଗରେ ଉକ୍ତ ଉପତ୍ୟକା ବିଦ୍ୟମାନ ଅଟେ । କିନ୍ତୁ ସେ ଯାହା ହେଉ ଏହି ଲୋକମାନେ ଫେରି ଆସିଲେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଅକାଳ ବିୟୋଗ ପରେ ଯେତେବେଳେ ହ. ଅବୁ ବକ୍କର ର.ଅଙ୍କ ହସ୍ତରେ ଲୋକମାନେ ବୈଅତ୍ କଲେ ସେତେବେଳେ ହ. ଅବୁ ବକ୍କର୍ ର.ଅ ହ. ବୁରୈଦା ବିନ୍ ହୁସୈବଙ୍କୁ ଆଦେଶ ଦେଲେ ଯେ, ହେ ବୁରୈଦାହ୍ ତୁମେ ଧ୍ୱଜା ନେଇ ହ. ଉସ୍ମାମା ର.ଅଙ୍କ ଘରକୁ ଯାଅ । କାରଣ ସେ ନିଜର ଉଦ୍ଦେଶ୍ୟ ନିମନ୍ତେ ପ୍ରସ୍ଥାନ ହୋଇ ପାରିବେ । ହ. ବୁରୈଦା ଧ୍ୱଜାକୁ ଧରି ପୂର୍ବ ସ୍ଥାନକୁ ନେଇ ଆସିଲେ । **(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-224, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 2012 ମସିହା)(ଅତ୍‌ତବ୍‌କାତୁଲ୍ କୁବ୍ରାଲିଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-2, ପୃ-146-147, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1990 ମସିହା)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-06, ପୃ-248, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)(ଅଲ୍ ବଦାୟା ୱନ୍ ନହାଇୟାହ୍, ଲିଇବ୍‌ନି କସିର୍, ଗ୍ରନ୍ଥଖଣ୍ଡ-3, ଭାଗ-6, ପୃ-302, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 2012 ମସିହା)(ମୁଉଜିମୁଲ୍ ବଲ୍‌ଦାନ୍, ଗ୍ରନ୍ଥଖଣ୍ଡ-1, ପୃ-101, 579-580, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-87, 114, 119 ଜୱାର୍ ଏକାଡ଼େମୀ ପବ୍ଲିକେଶନସ୍, କରାଚୀ-2003 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହି ସୈନ୍ୟବାହିନୀ ସଂଖ୍ୟା 3000 ହଜାରେ ବୋଲି ବର୍ଣ୍ଣନା କରାଯାଏ । ଅତଏବ୍ ସେହି ସୈନ୍ୟବାହିନୀ ମଧ୍ୟରେ 1000 (ସହସ୍ର) ଅଶ୍ୱାରୋହୀ ଥିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଉସ୍ମାମା ବିନ୍ ଜୈଦ୍ ର.ଅଙ୍କୁ 700 ଜଣ ସୈନିକିଙ୍କ ସହିତ ସିରୀୟା ଅଭିମୁଖେ ପ୍ରେରଣ କରାଯାଇଥିଲା। **(ଶରହୁଲ୍ ଅଲ୍ଲାମା  ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-155, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1996)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-06, ପୃ-250, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)(ଅଲ୍ ବଦାୟା ୱନ୍ ନହାଇୟାହ୍, ଲିଇବ୍‌ନି କସିର୍, ଗ୍ରନ୍ଥଖଣ୍ଡ-3, ଭାଗ-6, ପୃ-302, ସନ୍ 3 ହିଜ୍ରୀ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 2001 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ,ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅଙ୍କ ବିୟୋଗର ଦ୍ୱିତୀୟ ଦିନ ହ. ଅବୁ ବକ୍କର୍ ର.ଅ ଘୋଷଣା କରାଇଦେଲେ ଯେ, ଉସ୍ମାମା ବିନ୍ ଜୈଦଙ୍କ ଅଭିଯାନ ଅବଶ୍ୟ ପୂର୍ଣ୍ଣ ହେବ ଓ ଚରିତାର୍ଥ ହେବ । ମଦିନାରେ ଏପରି କୌଣସି ବ୍ୟକ୍ତି ଅବଶିଷ୍ଟ ନଥିବ ଯିଏ ହ. ଉସ୍ମାମା ବିନ୍ ଜୈଦଙ୍କ ସୈନ୍ୟବାହିନୀରେ ସାମିଲ୍ ହୋଇ ନଥିବେ । କିନ୍ତୁ ସମସ୍ତେ ଜୁରୁଫ୍ ନାମକ ସ୍ଥାନରେ ତାଙ୍କ ସହିତ ଅର୍ଥାତ୍ ହ. ଉସ୍ମାମା ର.ଅଙ୍କ ସୈନ୍ୟବାହିନୀ ସହିତ ସମ୍ମିଳିତି ହେବେ । **(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-244, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 2012 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହୁଜୁର ଅନୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ରସୁଲ୍ କରୀମ୍ ସ.ଅ ମୃତ୍ୟୁବରଣ କଲେ ସେତେବେଳେ ସମଗ୍ର ଆରବ୍ୟବାସୀ ବିଧର୍ମୀ ପାଲଟିଗଲେ ଏବଂ ହ. ଉମର୍ ର.ଅ ଓ ହ. ଅଲୀ ର.ଙ୍କ ଭଳି ବୀର ତଥା ସାହସୀ ବ୍ୟକ୍ତି ମଧ୍ୟ ଉକ୍ତ ଉପଦ୍ରବକୁ ଦେଖି ବିଚଳିତ ହୋଇ ପଡ଼ିଥିଲେ । ରସୁଲ୍ କରୀମ୍ ସ.ଅ ନିଜ ମୃତ୍ୟୁ ନିକଟବର୍ତ୍ତୀ ସମୟରେ ଏକ ସୈନ୍ୟବାହିନୀକୁ ରୋମୀୟ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରସ୍ତୁତ କରିଥିଲେ ଏବଂ ହ. ଉସ୍ମାମା ର.ଅଙ୍କୁ ସେହି ସୈନ୍ୟବାହିନୀର ସେନାପତି ରୂପେ ନିଯୁକ୍ତ କରିଥିଲେ । ବର୍ତ୍ତମାନ ଉକ୍ତ ସୈନ୍ୟବାହିନୀ ପ୍ରସ୍ଥାନ କରି ନଥିଲା କି ରସୁଲ୍ କରୀମ୍ ସ.ଅଙ୍କ ଅକାଳ ବିୟୋଗ ହେଲା । ଆପଣ ସ.ଅଙ୍କ ଅକାଳ ବିୟୋଗ ପରେ ଯେତେବେଳେ ସମଗ୍ର ଆରବବାସୀ ଇସ୍‌ଲାମ୍ ଧର୍ମରୁ ଓହରିଗଲେ ସେତେବେଳେ ସାହାବାମାନେ ଭାବିଲେ ଯେ, ଏପରି ବିଦ୍ରୋହ ସମୟରେ ଯଦି ଉସ୍ମାମା ର.ଅଙ୍କ ସୈନ୍ୟବାହିନୀକୁ  ରୋମୀୟ ଅଞ୍ଚଳ ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରେରଣ କରି ଦିଆଗଲା ତେବେ ପଛରେ (ମଦିନାରେ) କେବଳ ବୃଦ୍ଧ ପୁରୁଷ ଏବଂ ଛୋଟ ପିଲାମାନେ ଓ ମହିଳାମାନେ ରହିଯିବେ । ମଦିନାର ସୁରକ୍ଷାର କୌଣସି ସାଧନ ଆଉ

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنَ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ଡାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-
ଲାଭ ଦେଇଥାଏ ।

ଡାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ରହିବ ନାହିଁ । ସୁତରାଂ ସେମାନେ ଏହି ପ୍ରସ୍ତାବ ଦେଲେ ଯେ, ବରିଷ୍ଠ ସାହାବାମାନଙ୍କ ଏକ ପ୍ରତିନିଧି ମଣ୍ଡଳ ହ. ଅବୁ ବକ୍କର୍ ର.ଅଙ୍କ ସେବାରେ ଉପସ୍ଥିତ ହେଉ ଏବଂ ହ. ଅବୁ ବକ୍କର୍ ର.ଅଙ୍କୁ ଅନୁରୋଧ କରୁ କି ବିଦ୍ରୋହ ଯେପର୍ଯ୍ୟନ୍ତ ଦୂର ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେ ହ. ଉସ୍ୱାମା ର.ଅଙ୍କ ସୈନ୍ୟବାହିନୀକୁ ଅଟକାଇ ରଖନ୍ତୁ । ସୁତରାଂ ହ. ଉମର୍ ର.ଅ ଏବଂ ଅନ୍ୟ ବରିଷ୍ଠ ସାହାବାମାନେ ଆପଣ ର.ଅ(ହ. ଅବୁ ବକ୍କର୍ ର.ଅ)ଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସେମାନେ ଏହି ଅନୁରୋଧ କଲେ ଯେ, ହେ ଅବୁ ବକ୍କର୍ ! ବିଦ୍ରୋହ ସମାପ୍ତ ନହେବା ପର୍ଯ୍ୟନ୍ତ ଆପଣ ସେହି ସୈନ୍ୟବାହିନୀ ଅର୍ଥାତ୍ ଉସ୍ୱାମା ବିନ୍ ଜୈଦଙ୍କ ସୈନ୍ୟବାହିନୀଙ୍କୁ ରୋକି ରଖନ୍ତୁ । ହ. ଅବୁ ବକ୍କର ର.ଅ ଯେତେବେଳେ ଏକଥା ଶୁଣିଲେ ସେତେବେଳେ ଆପଣ ର.ଅ କ୍ରୋଧ ଜର୍ଜରିତ ହୋଇ ସେହି ପ୍ରତିନିଧି ଦଳକୁ ଉତ୍ତର ଦେଲେ ଯେ, ହେ ପ୍ରତିନିଧି ଦଳ ତୁମେମାନେ କ'ଣ ଚାହୁଁଛ ? ତୁମେମାନେ ଏହା ଚାହୁଁଛ ଯେ, ଅବୁ କାହାଫାର ପୁତ୍ର ଅବୁ ବକ୍କର ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରେରିତ ସୈନ୍ୟବାହିନୀକୁ ଆଁହଜରତ ସ.ଅଙ୍କ ମୃତ୍ୟୁ ପରେ ଅଟକାଇ ଦେଉ ? ହ. ଅବୁ ବକ୍କର୍ ର.ଅ ପୁନଶ୍ଚ କହିଲେ, ହେ ଲୋକମାନେ (ପ୍ରତିନିଧ ସମୂହ) ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ? ଯଦି ଶତ୍ରୁ ପକ୍ଷର ସୈନ୍ୟବାହିନୀ ମଦିନା ଭିତରେ ଧସେଇ ପଶି ଆସନ୍ତି ଏବଂ କୁକୁରମାନେ ମହିଳାମାନଙ୍କର ଶବକୁ ଘୋଷାରନ୍ତି ତେବେ ବି ମୁଁ ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରେରିତ ସେହି ସୈନ୍ୟବାହିନୀକୁ କଦାପି ଅଟକାଇବି ନାହିଁ । ହ. ଅବୁ ବକ୍କର ର.ଅଙ୍କ କହାବିରା ତାତ୍ପର୍ଯ୍ୟ ଏହିକିଯେ ଯେଉଁ ସୈନ୍ୟବାହିନୀକୁ ଆଁହଜରତ ସ.ଅ ପ୍ରେରଣ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ସେହି ସୈନ୍ୟବାହିନୀକୁ ମୁଁ କଦାପି ଅଟକାଇବି ନାହିଁ । ସେହି ନିଷ୍ପତ୍ତି ଆଁହଜରତ ସ.ଅଙ୍କର ଥିଲା, ମୋର ନଥିଲା । ତେଣୁ ମୁଁ ଆଁହଜରତ୍ ସ.ଅଙ୍କ ଦ୍ୱାରା ପ୍ରେରିତ ସେହି ସୈନ୍ୟବାହିନୀକୁ କଦାପି ଅଟକାଇବି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ସାହସିକାତ ଏବଂ ଏପରି ଅପୂର୍ବ ବୀରତ୍ୱ ହ. ଅବୁ ବକ୍କର ର.ଅଙ୍କ ମଧ୍ୟରେ ସେହି କାରଣରୁ ସୃଷ୍ଟି ହେଲା ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: مُحَمَّدٌ رَّسُولُ اللّٰهِ وَالَّذِيۡنَ مَعَهٗۤ اَشِدَّآءُ عَلَى الۡكُفَّارِ । ଅର୍ଥାତ୍ ମୁହମ୍ମଦ୍ ସ.ଅ ଅଲ୍ଲାଃଙ୍କର ରସୁଲ୍ ଅଟନ୍ତି ଏବଂ ଯେଉଁମାନେ ତାହାଙ୍କ ସହିତ ଅଛନ୍ତି ସେମାନେ ଅବିଶ୍ୱାସକାରୀଙ୍କ ବିପକ୍ଷରେ କଠୋର ମନୋଭାବ ପୋଷଣ କରନ୍ତି। ଯେପରି ବିଜୁଳୀ ସହିତ ଏକ ସାଧାରଣ ତାର ଯଦି ସଂଯୁକ୍ତ ହୋଇଯାଏ ତେବେ ତହିଁରେ ଏକ ମହାଶକ୍ତି ସୃଷ୍ଟି ହୋଇଯାଇଥାଏ । ସେହିପରି ମୁହମ୍ମଦ୍ ସ.ଅଙ୍କ ସହିତ ସଂପର୍କ ସ୍ଥାପନ କରିବା ଫଳରେ ଆପଣ ସ.ଅଙ୍କର ଅନୁଗାମୀମାନେ ମଧ୍ୟ اَشِدَّآءُ عَلَى الۡكُفَّارِ ର ଚରିତାର୍ଥ ହୋଇଗଲେ ।" **(ସେରେ ରୁହାନୀ, ଗ୍ରନ୍ଥଖଣ୍ଡ-6, ଅନ୍‌ୱରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-22, ପୃ-593-594)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କ ପ୍ରସ୍ଥାନ ସଂପର୍କରେ ନିଜର ପୁସ୍ତକ ସିରରୁଲ୍ ଖିଲାଫାରେ ବର୍ଣ୍ଣନା କରନ୍ତି ଯେ, ଇବ୍‌ନେ ଅସିର୍ ନିଜର ଇତିହାସ ପୁସ୍ତକରେ ଉଲ୍ଲେଖ କରନ୍ତି: "ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କର ଅକାଳ ବିୟୋଗ ହେଲା ଏବଂ ଆପଣ ସ.ଅଙ୍କ ବିୟୋଗର ଖବର ମକ୍କା ଏବଂ ସେଠାକାର ଗଭର୍ଣ୍ଣର ଅତ୍ତାବ୍ ବିନ୍ ଅସିଦ୍‌ଙ୍କୁ ପହଞ୍ଚିଲା ସେତେବେଳେ ଅତ୍ତାବ୍ ଲୁଚିଗଲା ଏବଂ ମକ୍କା ଥରି ଉଠିଲା ଏବଂ ଏହା ଖୁବ୍ ନିକଟବର୍ତ୍ତୀ ଥିଲା କି ମକ୍କାର ବାସୀନ୍ଦାମାନେ ଧର୍ମଦ୍ରୋହୀ ହୋଇଯିବେ....... ଓ ଅତିରିକ୍ତ ଉଲ୍ଲେଖ ରହିଛି ଯେ, ଆରବ ଲୋକେ ବିଧର୍ମୀ ଏବଂ ଧର୍ମଦ୍ରୋହୀ ହୋଇଗଲେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରତ୍ୟେକ ସଂପ୍ରଦାୟର ବିଶିଷ୍ଟ ଏବଂ ସାଧାରଣ ଲୋକମାନେ ବିଧର୍ମୀ ପାଲଟିଗଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶତ୍ରୁତା ପ୍ରକଟିତ ହୋଇଗଲା ଏବଂ ଇହୁଦୀମାନେ ଓ ଖ୍ରୀଷ୍ଟିଆନ୍‌ମାନେ ନିଜର ମୁଣ୍ଡ ଟେକିବା ଆରମ୍ଭ କରିଦେଲେ । ଅର୍ଥାତ୍ ଖ୍ରୀଷ୍ଟିଆନ୍‌ମାନେ ଏହା ଦେଖୁଥିଲେ ଯେ, ବର୍ତ୍ତମାନେ ମୁସଲମାନମାନେ ଦୁର୍ବଳ ହୋଇଯାଇଛନ୍ତି ଏବଂ ବର୍ତ୍ତମାନ୍ ସେମାନେ ଆକ୍ରମଣ କରି ପାରିବେ । ମୁସଲମାନମାଙ୍କର ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ବିୟୋଗ ଯୋଗୁଁ, ସେହିପରି ନିଜର ସ୍ୱଳ୍ପ ସଂଖ୍ୟା ଏବଂ ଶତ୍ରୁମାନଙ୍କର ସଂଖ୍ୟା ଗରିଷ୍ଠତା ଯୋଗୁଁ ଏପରି ଅବସ୍ଥା ହୋଇଯାଇଥିଲା ଯେପରି ବର୍ଷା ରାତ୍ରରେ ଛେଳୀ ମେଣ୍ଢାମାନଙ୍କର ହୋଇଥାଏ । ଅର୍ଥାତ୍ ଛେଳୀ ମେଣ୍ଢାମାନେ ଓଦା ହୋଇଯାଆନ୍ତି। ସେମାନେ ହଲାହଲି ହେବାକୁ ମଧ୍ୟ ସାମର୍ଥ୍ୟ ନଥାଏ । ପ୍ରତ୍ୟୁତ୍ତରରେ ଲୋକମାନେ ହ. ଅବୁ ବକ୍କର୍ ର.ଅଙ୍କୁ କହିଲେ, ହେ ଅବୁ ବକ୍କର୍ ର.ଅ! ଏହି ଲୋକମାନେ କେବଳ ଉସ୍ୱାମାଙ୍କ ସୈନ୍ୟବାହିନୀକୁ ହିଁ ମୁସଲମାନମାନଙ୍କର ସୈନ୍ୟବାହିନୀ ବୋଲି ମନେକରନ୍ତି । ଯେପରିକି ଆପଣ ର.ଅ ଦେଖୁଛନ୍ତି ଯେ, ଆରବ୍ୟମାନେ ଆପଣ ର.ଅଙ୍କ ପ୍ରତି ବିଦ୍ରୋହ କରିଦେଇଛନ୍ତି । ସୁତରାଂ ଏହା ଉଚିତ୍ ହେବା ନାହିଁ ଯେ, ଆପଣ ମୁସଲମାନମାନଙ୍କର ସେହି ସଂପ୍ରଦାୟକୁ ନିଜ ଠାରୁ ପୃଥକ୍ କରିଦେବେ । ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ କହିଲେ: "ମୁଁ ସେହି ସତ୍ତାଙ୍କର ଶପଥ କରି (ରାଣ ଖାଇ) କହୁଛି ! ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି! ଯଦି ମୋତେ ଉକ୍ତ କଥାର ବିଶ୍ୱାସ ହୋଇଯାଏ ଯେ, ହିଂସ୍ର ଜନ୍ତୁମାନେ ମୋତେ ଝାମ୍ପି ନେବେ, ତେବେ ମଧ୍ୟ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଆଦେଶାନୁଯାୟୀ ଉସ୍ୱାମାଙ୍କ ସୈନ୍ୟବାହିନୀକୁ ଅବଶ୍ୟ ପ୍ରେରଣ କରିବି । ଯେଉଁ ନିଷ୍ପତ୍ତି ଆଁହଜରତ ସ.ଅ ଗ୍ରହଣ କରିଛନ୍ତି ସେହି ନିଷ୍ପତ୍ତିକୁ ମୁଁ କେବେ ବି ରଦ୍ଦ ଓ ସମାପ୍ତ କରି ପାରିବି ନାହିଁ ।" **(ସିରରୁଲ୍ ଖିଲାଫା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-8, ପୃ-394, ବି.ଦ୍ର, ଉର୍ଦ୍ଦୁ ଅନୁବାଦ ସିରରୁଲ୍ ଖିଲାଫା, ପୃ-188-189, ପ୍ରକାଶକ, ନଜାରତ୍ ଇଶାଅତ୍ ରବୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆଁହଜରତ୍ ସ.ଅଙ୍କ ଆଦେଶାକୁ ଯଥୋଚିତ ଅକ୍ଷୁର୍ଣ୍ଣ ଏବଂ ବଳବତ୍ତର ରଖିବା, ଆଦେଶ ପ୍ରଣୟନ କିରବା ଏବଂ ଯେଉଁମାନେ ହ. ଉସ୍ୱାମା ର.ଅଙ୍କ ସୈନ୍ୟବାହିନୀରେ ସାମିଲ୍ ଥିଲେ ସେମାନଙ୍କୁ ପୁନଃ ସୈନ୍ୟବାହିନୀରେ ଯୋଗ ଦେବା ନିମନ୍ତେ ଆଦେଶ ଦେଲେ । ଆପଣ ର.ଅ କହିଲେ, ହେ ଲୋକମାନେ ! ତୁମେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଯିଏ ପୂର୍ବେ ଉସ୍ୱାମାଙ୍କ ସୈନ୍ୟବାହିନୀରେ ସାମିଲ୍ ଥିଲା ଏବଂ ସେହି ବ୍ୟକ୍ତିକୁ ରସୁଲୁଲ୍ଲାଃ ସ.ଅ ସୈନ୍ୟବାହିନୀରେ ସାମିଲ୍ ହେବା ନିମନ୍ତେ ଆଦେଶ ଦେଇଥିଲେ, ସେ କଦାପି ପଛରେ ନରହୁ ଓ ନା ହିଁ ମୁଁ ତା'କୁ ପଛରେ ରହିବା ନିମନ୍ତେ ଅନୁମତି ପ୍ରଦାନ କରିବି। ସେହି ବ୍ୟକ୍ତିକୁ ଯଦି ପାଦରେ ଚାଲି ଚାଲି ଯିବାକୁ ପଡ଼େ ତେବେ ମଧ୍ୟ ସେହି ବ୍ୟକ୍ତିକୁ ସୈନ୍ୟବାହିନୀ ସହିତ ଚାଲିକି ଯିବାକୁ ହେବ । ଅତଏବ୍ ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ସୈନ୍ୟବାହିନୀରେ ଯୋଗ ଦେବାରୁ ପଛାଇଲା ନାହିଁ । ଅର୍ଥାତ୍ ସମସ୍ତେ ବାହାରି ପଡ଼ିଲେ । **(ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-155, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1996)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ହ. ଅବୁ ବକ୍କର୍ ର.ଅ ସେହି ସୈନ୍ୟବାହିନୀକୁ ପ୍ରେରଣ କରିବା ସଂପର୍କରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହ. ଅବୁ ବକ୍କର ର.ଅଙ୍କ ଆଦେଶାବଳୀ ଅନୁଯାୟୀ ଉସ୍ୱାମାଙ୍କ ସେନା ଜୁରୁଫ୍ ନାମକ ସ୍ଥାନରେ ଏକତ୍ରିତ ହୋଇଗଲା ସେତେବେଳେ ହ. ଅବୁ ବକ୍କର ର.ଅ ସେଠାରେ ସ୍ୱୟଂ ଗମନ କଲେ ଏବଂ ଆପଣ ସ.ଅ ସେଠାକୁ ଯାଇ ସୈନ୍ୟବାହିନୀର ସମୀକ୍ଷା କଲେ ଓ ସୈନ୍ୟବାହିନୀକୁ ବ୍ୟବସ୍ଥିତ କଲେ ।

ହୁଜୁର ଅନ୍‌ୱର୍ ଅ. କହିଲେ, ଏଥି ସଂକ୍ରାନ୍ତରେ ଏହି ଚର୍ଚ୍ଚା ମଧ୍ୟ ମିଳେ ଯେ, ହ. ଅବୁ ବକ୍କର୍ ର.ଅ ହ. ଉସ୍ୱାମା ର.ଅଙ୍କୁ କହିଲେ, ହେ ଉସ୍ୱାମା ! ଯଦି ଆପଣ ଉଚିତ୍ ବୋଲି ମନେକରନ୍ତି ତେବେ ହ. ଉମର୍ ର.ଅଙ୍କୁ ମୋ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ କରିବା ନିମନ୍ତେ ଛାଡ଼ି ଦିଅନ୍ତୁ । କାରଣ ସେହି ସୈନ୍ୟବାହିନୀ ମଧ୍ୟରେ ହ. ଉମର୍ ର.ଅ ମଧ୍ୟ ସାମିଲ୍ ଥିଲେ । ତେବେ ହ. ଉସ୍ୱାମା ବିନ୍ ଜୈଦ୍ ର.ଅ ଅନୁମତି ପ୍ରଦାନ କରିଦେଲେ । **(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-246, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 2012 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣା ପରେ ହ. ଉମର୍ ର.ଅ ଯେତେବେଳେ ବି ହ. ଉସ୍ୱାମା ର.ଅଙ୍କୁ ସାକ୍ଷାତ୍ କରୁଥିଲେ । ଅର୍ଥାତ୍ ହ. ଉମର୍ ର.ଅ ଖଲିଫା ରୂପେ ମନୋନୀତ ହେବା ପରେ ମଧ୍ୟ ହ. ଉସ୍ୱାମା ର.ଅଙ୍କ ସହିତ ଦେଖା ସାକ୍ଷାତ୍ କରୁଥିଲେ ଓ ଆପଣ ର.ଅ ଅର୍ଥାତ୍ ହ. ଉସ୍ୱାମା ର.ଅଙ୍କୁ ସମ୍ବୋଧିତ କରି କହୁଥିଲେ, السلام علیک ایہا الامیر ଅର୍ଥାତ୍ ହେ ଅମୀର୍ ! ଆପଣଙ୍କୁ ମୁଁ ନମସ୍କାର ଜଣାଉଛି ଓ ଏହାର ଉତ୍ତରରେ ହ. ଉସ୍ୱାମା ବିନ୍ ଜୈଦ୍ ର.ଅ ମଧ୍ୟ ଏହା କହୁଥିଲେ ଯେ, غَفَرَ اللّٰهُ لَكَ ।

ହୁଜୁର ଅନ୍‌ୱର୍ ଅ. କହିଲେ, ହ. ଅବୁ ବକ୍କର୍ ର.ଅ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କୁ ମାର୍ଗଦର୍ଶିକା ପ୍ରଦାନ କରିବା ସଙ୍ଗେସଙ୍ଗେ ଏହା ମଧ୍ୟ କହିଲେ, ଯେ, ହେ ଉସ୍ୱାମା ! ରସୁଲ୍ କରୀମ୍ ସ.ଅ ତୁମକୁ ଯାହା ଯାହା କରିବା ନିମନ୍ତେ ଆଦେଶ ଦେଇଛନ୍ତି । ତୁମେ ତାହା ସବୁ କରିବ । ରସୁଲୁଲ୍ଲାଃ ସ.ଅଙ୍କ ଆଦେଶ ପାଳନକରିବାରେ ତୁମେ କୌଣସି ପ୍ରକାରର ଅବହେଳା ପ୍ରଦର୍ଶନ କରିବ ନାହିଁ । **(ଅଲ୍ କାମିଲ୍ ଫିତ୍ ତାରିଖି, ଗ୍ରନ୍ଥଖଣ୍ଡ-2, ପୃ-199-200, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2006 ମସିହା) (ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3 ପୃ-294, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-246, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 2012 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧର ସବିଶେଷ ବିବରଣୀ ତ' ମୁଁ ପୂର୍ବେ ବର୍ଣ୍ଣନା କରିଛିହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଚର୍ଚ୍ଚାକୁ ମୁଁ ଏଠାରେ ଛାଡୁଛି । ଆଁହଜରତ୍ ସ.ଅ ଯେପରି କହିଥିଲେ ଯେ, ଏହି ସୈନ୍ୟବାହିନୀ ଜୟଯୁକ୍ତ ହୋଇ ଫେରିଲା । ଶତ୍ରୁ ହୁଏ ତ' ବଧ ହେଲା ଅବା ବନ୍ଦୀ ହେଲା । ସେହି ଯୁଦ୍ଧରେ ମୁସଲମାନମାଙ୍କର କୌଣସି ଜୀବନ ହାନୀ ଘଟିଲା ନାହିଁ । ବର୍ଣ୍ଣନାନୁଯାୟୀ ଏହି ସୈନ୍ୟବାହିନୀ 40ରୁ 70 ଦିନ ପର୍ଯ୍ୟନ୍ତ ବାହାରେ ରହିବା ପରେ ମଦିନା ଫେରି ଆସିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କୁ ହ. ଅବୁ ବକ୍କର୍ ର.ଅ ବହୁତ ଭଲ ପାଉଥିଲେ । ଏହି ଭଲ ପାଇବା ଏତେ ଥିଲା ଯେ, ଯେଉଁ ଧ୍ୱଜାକୁ ଆଁହଜରତ ସ.ଅ ସ୍ୱୟଂ ନିଜ ହାତ ଦ୍ୱାରା ଗଣ୍ଠି ପକାଇ ହ. ଉସ୍ୱାମା ବିନ୍ ଜୈଦ୍ ର.ଅଙ୍କ ଦେଇଥିଲେ, ସେହି ଧ୍ୱଜାର ଗଣ୍ଠିକୁ ଇବନେ ଅବୁ କାହାଫା ଅର୍ଥାତ୍ କାହାପାଙ୍କ ପୁତ୍ର ଅବୁ ବକ୍କର୍ କିପରି ଫିଟାଇ ପାରିବ ? ସୁତରାଂ ହ. ଉସ୍ୱାମା ବିନ୍ ଜୈଦ୍‌ଙ୍କ ସୈନ୍ୟବାହିନୀର ପ୍ରତ୍ୟେବର୍ତ୍ତନ ପରେ ସେହି ଧ୍ୱଜାର ଗଣ୍ଠିକୁ ଖୋଲାଯାଇ ନଥିଲା ଏବଂ ସେହି ଧ୍ୱଜା ପରବର୍ତ୍ତୀ କାଳରେ ମଧ୍ୟ ହ. ଉସ୍ୱାମା ର.ଅଙ୍କ ଘରେ ମଧ୍ୟ ରହିଲା । ଏପର୍ଯ୍ୟନ୍ତକି ହ. ଉସ୍ୱାମା ର.ଅଙ୍କ ବିୟୋଗ ହୋଇଗଲା ।

**(ଅବଶିଷ୍ଟାଂଶ....ପୃ-10ରେ)**

## ପୃ-2ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଉପରୋକ୍ତରେ ଚର୍ଚ୍ଚା କରାଯାଇଛି ସେତେବେଳେ ପାଶ୍ଚାତ୍ୟରେ ଓ ପୂର୍ବୋତ୍ତରରେ ଆପଣ ଅ.ସଙ୍କର ଅନୁଗାମୀମାନେ ଉପସ୍ଥିତ ନଥିଲେ । **(ଅବଶିଷ୍ଟାଂଶ....ପୃ-12ରେ)**

## ପୃ-୨ରେ ବର୍ଣ୍ଣିତ ଖୁତବା ଜୁମା 05 ଡିସମ୍ବର 2025ର ଅବଶିଷ୍ଟାଂଶ....

**(ଅଲ୍ କାମିଲ୍ ଫିତ୍ ତାରିଖ୍, ଗ୍ରନ୍ଥଖଣ୍ଡ-2, ପୃ-200, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2006ମସିହା)**

**(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-2, ପୃ-147, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1990 ମସିହା) (ଅଲ ମୁସୈୟିରତୁଲ୍ ଇସ୍‌ଲାମିୟାହ୍ ଲିଜିଲିଲ୍ ଖିଲାଫତୁର୍ ରାଶିଦତଲ୍ ମୁଜଲ୍ଲଦୁଲ୍ ଅୱଲି ଅବୁ ବକ୍କର୍ ସିଦ୍ଦିକ୍, ଲେଖକ-ମୁନୀର୍ ମୁହମ୍ମଦ୍ ଅଲ୍ ଗଜ୍‌ବାନ୍, ପୃ-34-35, ଦାରୁସ୍ ସଲାମ୍, 2015 ମସିହା)**

اَللّٰھُمَّ صَلِّ عَلٰی مُحَمَّدٍ وَّاٰلِ مُحَمَّدٍ

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ତୁବୁକ୍ ଯୁଦ୍ଧର ଏହି ଚର୍ଚ୍ଚାଟି ବର୍ତ୍ତମାନ ସମାପ୍ତ ହେଲା । ଆସନ୍ତା ଖୁତ୍‌ବାରେ ଆଁହଜରତ ସ.ଅଙ୍କ ଜୀବନୀର ଆଉ କେତେକ ପକ୍ଷ ମୁଁ **ଇନ୍‌ଶାଅଲ୍ଲାଃ** ଉପସ୍ଥାପିତ କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଦୁଇ ଜଣ ମୃତକମାନଙ୍କର ଚର୍ଚ୍ଚା ମଧ୍ୟ କରିବି । ଅତଏବ୍ ନମାଜ୍ ଜୁମା ପରେ ଏହି ମୃତକ ଦ୍ୱୟଙ୍କର ନମାଜ ଯନାଜାଃ ମୁଁ ପାଠ କରାଇବି । **ଇନ୍‌ଶାଅଲ୍ଲାଃ** ।

ମୃତକମାନଙ୍କ ମଧ୍ୟରୁ ପ୍ରଥମ ମୃତକ ହେଲେ ସ୍ୱର୍ଗତ ଅଜିଜୁର୍ ରହମାନ୍ ଖାଲିଦ୍ ସାହେବ । ଆପଣ ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ । ବିଗତ ଦିନ ଆମେରିକା ଠାରେ 7୨ ବର୍ଷ ବୟସରେ ଆପଣଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰهِ وَاِنَّاۤ اِلَيۡهِ رٰجِعُوۡنَ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଅଜିଜ୍ ସାହେବଙ୍କ ନନା ହ. ମିଆଁ ରଙ୍ଗ୍ ଅଲୀ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ । ସ୍ୱର୍ଗତ ଅଜିଜ୍ ସାହେବଙ୍କ ଯାମିୟା ଅହମଦିୟା ଠାରେ ଆଡ଼ମିଶନ୍‌ର ଘଟଣା କିଛି ଏହି ପ୍ରକାର ଅଟେ । ଆପଣ କୁହନ୍ତି ଯେ, ଯେତେବେଳେ ମୁଁ ସପ୍ତମ ଶ୍ରେଣୀରେ ଥିଲି ସେତେବେଳେ ଦିନ ତାଲିମୁଲ୍ ଇସ୍‌ଲାମ୍ ହାଇ ସ୍କୁଲରେ ପ୍ରାର୍ଥନା ସଭାରେ ହ. ମୌଲାନା କାଜି ମୁହମ୍ମଦ୍ ନଜିର୍ ସାହେବ ର.ଅ ଆସିଲେ ଏବଂ ୱକ୍‌ଫେ ଜିନ୍ଦିଗୀର ମହତ୍ତ୍ୱ ସଂପର୍କରେ ଭାଷଣ ଦେଲେ। ଉକ୍ତ ଭାଷଣକୁ ଶୁଣିବା ପରେ ଅନେକ ଛାତ୍ରମାନଙ୍କ ଉପରେ ପ୍ରଭାବ ପଡ଼ିଥିଲା । ଯେତେବେଳେ ଭାଷଣ ସମାପ୍ତ ହେଲା ସେତେବେଳେ ସ୍ୱର୍ଗତ ଅଜିଜ୍ ସାହେବଙ୍କୁ ୱକଫ୍ କରିବାର ଉତ୍ସାହ ମନରେ ସୃଷ୍ଟି ହେଲା ଏବଂ ସେ ସିଧା ସଳଖ ଯାମିୟା ଅହଦମିୟାକୁ ଚାଲି ଆସିଲେ । ସେଠାରେ ନାନା ଇଣ୍ଟରଭ୍ୟୁ ଦେବା ପରେ 1960 ମସିହାରେ ଯାମିୟା ଅହମଦିୟାରେ ତାଙ୍କୁ ଆଡମିଶନ ମିଳିଗଲା । 1969 ମସିହାରେ ଆପଣ ଯାମିୟା ଅହମଦିୟାରୁ ଶାହିଦ୍ ଡିଗ୍ରୀ (ସ୍ନାତକ) ପ୍ରାପ୍ତ କଲେ । ଇତି ମଧ୍ୟରେ ଆପଣଙ୍କୁ ଯାମିୟା ଅହମଦିୟାରେ ୨ ବର୍ଷ କାଳ ଲାଗିଥିଲା । ସ୍ୱର୍ଗତ ଅଜିଜ୍ ସାହେବ ଯେତେବେଳେ କୌଣସି ଏକ ସ୍ଥାନକୁ ଟ୍ରେନ୍ ଯୋଗେ ଯାଉଥିଲେ ସେତେବେଳେ ତାଙ୍କର ଟ୍ରେନଟି ଦୁର୍ଘଟଣାଗ୍ରସ୍ତ ହୋଇଗଲା । ଯଦ୍ଦ୍ୱାରାକି ଆପଣ ଗମ୍ଭୀର ବାବରେ ଆହତ ମଧ୍ୟ ହଇଥିଲେ । ସେଇଥି ପାଇଁ ଯାମିୟାରେ ଆପଣଙ୍କର ଦୁଇ ବର୍ଷ ନଷ୍ଟ ହୋଇଗଲା । କିନ୍ତୁ ସେ ଯାହା ହେଉ ସେ ଧୈର୍ଯ୍ୟହରା ଏବଂ ସାହସ ହରାଇଲେ ନାହିଁ ଓ ସାହସ ପ୍ରଦର୍ଶନ କଲେ । ଫଳତଃ ତାଙ୍କର ଜୀବନ ମଧ୍ୟ ବଞ୍ଚିଗଲା। ସ୍ୱର୍ଗତ ଅଜିଜ୍ ସାହେବ କହୁଥିଲେ ଯେ, ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଦୁଆ ଯୋଗୁଁ ହିଁ ମୋ ଜୀବନ ବଞ୍ଚି ପାରିଛି । ଯାମିୟା ଅହମଦିୟା ପାସ କରିବା ପରେ ଆପଣ ମୁବଲ୍ଲିଗ୍ ହେଲେ ଓ ଆପଣଙ୍କୁ ସେରାଲିଓନ୍, ନାଇଜିରିୟା, ଘାନା, ତାନଜାନିୟା, ଯଞ୍ଜିୟା ଇତ୍ୟାଦି ବିଦେଶ ରାଷ୍ଟ୍ରକୁ ମୁବଲ୍ଲିଗ୍ ରୂପେ ପ୍ରେରଣ କରାଗଲା । ସେଠାରେ ଆପଣ ରହିଥିଲେ । ଆପଣ ପାକିସ୍ତାନର ନାନା ସ୍ଥାନରେ ଜଣେ ମୁବଲ୍ଲିଗ୍ ହିସାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ଆପଣ ଆଫ୍ରିକାରୁ ଫେରିବା ପରେ ତେହରିକେ ଜଦିଦରେ ୱକାଲତ୍ ଇଶାଅତ୍ ରବୱାରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ।

ତାଙ୍କର ନାତି ହମଜା ଉବୈଦୁିଲ୍ଲାଃ ସାହେବ ମୁବଲ୍ଲିଗ୍ ଅଟନ୍ତି । ସେ ଯାମିୟାରୁ ଶିକ୍ଷା ସମାପ୍ତ କରି କର୍ମ ଭୂମିରେ ଧର୍ମସେବା କରୁଛନ୍ତି । ସେହି ନାତି କୁହନ୍ତି ଯେ, ସ୍ୱର୍ଗତ ନନା (ଅଜା) ମୋତେ କହୁଥିଲେ ଯେ, ଆଫ୍ରିକାରେ ଏପରି ସମୟ ମଧ୍ୟ ଆସିଥିଲା କି ଭାତ ଉପରେ ସେ ଲୁଣ ଛିଞ୍ଚି ଖାଇ ନେଉଥିଲେ ଏବଂ ସେତେବେଳେ କୌଣସି ତରକାରୀ ମଧ୍ୟ ହେଉ ନଥିଲା । ବେଳେବେଳେ ଏପରି ଦିନ ମଧ୍ୟ ହେଉଥିଲା ଯେ, ସାଧାରଣ ଆହାର ମଧ୍ୟ ମିଳୁ ନଥିଲା । ଅର୍ଥାତ ଭାତ ମଧ୍ୟ ବେଳେବେଳେ ମିଳୁ ନଥିଲା ଓ ଅନେକ ଦିନ ପର୍ଯ୍ୟନ୍ତ ଭୋକିଲା ରହିବାକୁ ପଡୁଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେବେ ଏହା ଥିଲା ପ୍ରାରମ୍ଭିକ ମୁବଲ୍ଲିଗିନ୍‌ମାନଙ୍କର କାର୍ଯ୍ୟ । ଏହି ଆଦର୍ଶକୁ ପ୍ରତ୍ୟେକ ମୁବଲ୍ଲିଗିନମାନଙ୍କୁ ନିଜ ସମ୍ମୁଖରେ ରଖିବା ଉଚିତ୍। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନିସୁର୍ ରହମାନେ ଅନସ୍ ଯେକି ସ୍ୱର୍ଗତ ଅଜିଜ୍ ସାହେବଙ୍କ ସୁପୁତ୍ର ଅଟନ୍ତି ଆପଣ କୁହନ୍ତି ଯେ, ବେଳେବେଳେ ସ୍ୱର୍ଗତ ପିତାଶ୍ରୀ ମହୋଦୟ ଖାଦ୍ୟ ନଷ୍ଟ ବା ଅପଚୟ ହେବାକୁ ମଧ୍ୟ ଦେଉ ନଥିଲା । ଜଲ୍‌ସା ଅବସରରେ ମଧ୍ୟ ଏପରି ହେଲା ଯେ, ଖାଦ୍ୟ ନିଜ ପ୍ଲେଟରେ ନେବା ପରିବର୍ତ୍ତେ ଟେବୁଲ୍ ଉପରେ ରୁଟିର ଯେଉଁ ବଳିଥିବା ଟୁକୁଡ଼ା ରହୁଥିଲା ତାହାକୁ ହିଁ ଆପଣ ଖାଇ ନେଉଥିଲେ । ପିତାଶ୍ରୀ କହୁଥିଲେ ଯେ, ଯଦି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ସେହି ରୁଟି ଖଣ୍ଡକୁ ଖାଇ ପାରୁଛନ୍ତି ତେବେ ଆମେମାନେ କାହିଁକି ଖାଇ ପାରିବା ନାହିଁ। ପିତଶ୍ରୀ ଯୁବାବସ୍ଥାରୁ ହିଁ ତହଜ୍ଜୁଦ୍ ନମାଜ୍ ପ୍ରିୟ ଥିଲେ । ପିତାଶ୍ରୀ ଉତ୍ତମ ଚରିତ୍ରବତ୍ତା, ମେଳାପୀ ପ୍ରିୟ, ପରିଶ୍ରମୀ, ଶିଷ୍ଟ ଓ ସଭ୍ୟ ବ୍ୟକ୍ତିଟିଏ ଥିଲେ । ପିତାଶ୍ରୀଙ୍କର ଖିଲାଫତ୍ ସହିତ ଅତି ନିବିଡ଼ ସଂପର୍କ ରହିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଅଜିଜ୍ ସାହେବ ଓସିୟତ୍ ମଧ୍ୟ କରିଥିଲେ । ମୁଁ ଯେତେବେଳେ ଘାନାରେ ଥିଲି ସେତେବେଳେ ଆପଣ ମଧ୍ୟ ମୋ ସହିତ ଘାନାରେ ମଧ୍ୟ ରହିଛନ୍ତି । ଆପଣ ଅତ୍ୟନ୍ତ ନିଷ୍ଠାପରତାର ସହିତ, ଅତ୍ୟନ୍ତ ସରଳତାର ସହିତ କାମ କରିଛନ୍ତି । ଆପଣ ନିଃସ୍ୱାର୍ଥପର ହୋଇ କାମ କରିଛନ୍ତି । ତାଙ୍କର ଦୁଇଜଣ ପୁତ୍ର ସନ୍ତାନ ଅଛନ୍ତି ଏବଂ ତିନି ଜଣ କନ୍ୟା ସନ୍ତାନ ଅଛନ୍ତି । ତାଙ୍କର ବେଶ୍ ଅଧିକ ସଂଖ୍ୟା ପୌତ୍ର ପୌତ୍ରୀମାନେ ରହିଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ତଥା ସାହସ ପ୍ରଦାନ କରନ୍ତୁ। **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ଦ୍ୱିତୀୟ** ଯନାଜାଃ ହେଲା ଇଣ୍ଡେନେସିୟାର ଶ୍ରୀଯୁକ୍ତ ଐଦି ହୁମାୟଦି (Eddi Humaedi) ସାହେବଙ୍କର ସାହେବଙ୍କର । ଆପଣ ନଭେବମ୍ବର ମାସ 22 ତାରିଖ ଦିନ ଉମ୍ରାହ୍ କରିବା ନିମନ୍ତେ ସାମର୍ଥ୍ୟ ଲାଭ ପାଇଥିଲେ ଏବଂ ସହସା ଆପଣଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା ଓ ଆପଣ ଅସୁସ୍ଥ ଅନୁଭବ କରିଥିଲେ । ପୁନଶ୍ଚ ସେହି ଅସୁସ୍ଥତା ହେତୁ ୫0 ବର୍ଷ ବୟସରେ ମଦିନା ମୁନୱରାହ୍ ଠାରେ ତାଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰهِ وَاِنَّاۤ اِلَيۡهِ رٰجِعُوۡنَ । ସ୍ୱର୍ଗତଙ୍କ ପରିବାରରେ ଅହମଦିୟତ୍ 1930 ମସିହାରେ ଆସିଥିଲା । ଅର୍ଥାତ୍ ତାଙ୍କର ମାମୁଁ ମୁହମ୍ମଦ୍ ରଉଫ୍ ସାହେବ ହ. ମୌଲାନା ରହମତ୍ ଅଲୀ ସାହେବ ର.ଅଙ୍କ ମାଧ୍ୟମରେ ବୈଅତ୍ କଲେ । ଏହାପରେ ତାଙ୍କର ନନା ଏବଂ ମାତାଶ୍ରୀ ମଧ୍ୟ ବୈଅତ୍ କରିନେଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ଜ୍ୱାଇଁ ମହୋଦୟ ବାସୋକୋ ସାହେବ ମଧ୍ୟ ମୁବଲ୍ଲିଗ୍ ସିଲସିଲା ଅଟନ୍ତି । ସେ କୁହନ୍ତି ଯେ, ଶ୍ୱଶୁର ମହୋଦୟଙ୍କୁ ଦିନ ରାତି ତବଲିଗ୍ କରିବାର ଶୌକ ଥିଲା ଏବଂ ଏହି ଆକାଂକ୍ଷା ଥିଲି କି ତବଲିଗ୍ ମାର୍ଗରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଉ । ଯେତେବେଳେ ବି ଶ୍ୱଶୁରଙ୍କ ସହିତ ଦେଖା ସାକ୍ଷାତ୍ ହେଉଥିଲା ସେତେବେଳେ ଶ୍ୱଶୁର ମହୋଦୟ ସର୍ବଦା ତବଲିଗ୍ ବିଷୟବସ୍ତୁ ଉପରେ ହିଁ ଚର୍ଚ୍ଚା କରୁଥିଲେ । ତାଙ୍କର ତବଲିଗ୍ କରିବାର ଶୈଳୀ ମଧ୍ୟ ମୁବଲ୍ଲିଗମାନଙ୍କ ନିମନ୍ତେ ଆହ୍ୱାନଜନକ ହେଉଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ସୁପୁତ୍ରୀ ଉଲ୍ଲେଖ କରନ୍ତି ଯେ, ଅଜାନ ହେବା ପୂର୍ବରୁ ହିଁ ମସଜିଦ୍ ଚାଲି ଯାଉଥିଲେ ଏବଂ ଈଶ୍ୱର ଚର୍ଚ୍ଚାରେ ନିଜର ସମୟ ଅତିବାହିତ କରୁଥିଲେ । ପିତାଶ୍ରୀ ପ୍ରତ୍ୟେକ ଦିନ ପବିତ୍ର କୁରଆନ୍ କରୀମର ତିଲାୱତ୍ କରୁଥିଲେ, ଅନୁବାଦ, ତଫସିର୍ ଇତ୍ୟାଦି ପାଠ ଆପଣ ଅଧ୍ୟୟନ କରୁଥିଲେ । ତବଲିଗ୍ ନିମନ୍ନେତ ଆବଶ୍ୟକୀୟ ଆୟତ୍ ଉପରେ ଚିହ୍ନ ଲଗାଉଥିଲେ । ଆପଣ କେବେ ବି ତହଜ୍ଜୁଦ୍ ନମାଜ ଛାଡ଼ି ନାହାନ୍ତି । 76 ବର୍ଷ ବୟସରେ ମଧ୍ୟ ତବଲିଗ୍ ନିମନ୍ତେ ମୋଟର ସାଇକେଲ୍ ଯୋଗେ ଯାତ୍ରା କରୁଥିଲେ ଏବଂ ସନ୍ତାନମାନଙ୍କୁ କହୁଥିଲେ ଯେ, ହେ ସନ୍ତାନମାନେ ! ତୁମେମାନେ ଆର୍ଥିକ ବଳିଦାନ ଦେବାରେ କେବେ ବି ନ୍ୟୁନତା ପ୍ରଦର୍ଶନ କରିବ ନାହିଁ । ଅର୍ଥାତ୍ ଆର୍ଥିକ ବଳିଦାନ କେବେ ବି ହ୍ରାସ ହେବାକୁ ଦେବ ନାହିଁ । ଏହା ଅଲ୍ଲାଃତାଲାଙ୍କ ଅଧିକାର ଅଟେ । ଯଥାସାଧ୍ୟ ଅଧିକରୁ ଅଧିକ ଆର୍ଥିକ ବଳିଦାନ ଦିଅ । ଖବରଦାର୍ ! ଜମାଅତର ଅର୍ଥରୁଲ ଟଙ୍କାଟିଏ ବ୍ୟବହାର କରିବ ନାହିଁ। କାରଣ ଏହାର ହିସାବ ଦେବାକୁ ପଡ଼ିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉମ୍ରାହ୍ ସମୟରେ ତାଙ୍କର ଯେଉଁ ମହିଳା ନେତ୍ରୀ ରହିଥିଲେ ସେ ଉଲ୍ଲେଖ କରିଛନ୍ତି ଯେ, ଉମ୍ରାହ୍ କରିବା ସମୟରେ ସବୁ ସମୟ କେବଳ ଏହା ହିଁ କହୁଥିଲେ ଯେ, ଏଠାରୁ ଯାଇ ମୁଁ ତବଲିଗ୍ କରିବି ଏବଂ ଲୋକମାନଙ୍କୁ କହିବି ଯେ, ଜମାଅତ୍ ଅହମଦିୟାର ସଦସ୍ୟମାନେ ମକ୍କାକୁ ଯାଇ ଉପାସନା କରିଥାଆନ୍ତି । ଯେତେବେଳେ ସ୍ୱର୍ଗତ ମହୋଦୟ ଅସୁସ୍ଥ ହେଲେ ସେତେବେଳେ ଡାକ୍ତର ସେଠାରେ ତାଙ୍କୁ ଦେଖିଲେ । ପୁନଶ୍ଚ ସ୍ୱର୍ଗତଙ୍କର ବିୟୋଗ ମଧ୍ୟ ହୋଇଗଲା । ସେହି ଡାକ୍ତର ତାଙ୍କୁ କହିବାକୁ ଲାଗିଲା, ମହୋଦୟ ! ଅଲ୍ଲାଃତାଲାଙ୍କୁ ଆପଣଙ୍କର ପୁଣ୍ୟାବଳୀ ବହୁତ ଭଲ ଲାଗିଛି । ଫଳତଃ ଜନ୍ନତୁଲ୍ ବକି ଠାରେ ତାଙ୍କୁ କବର ଦିଆଯିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଅର୍ଥାତ୍ ମଦିନା ଠାରେ ସ୍ୱର୍ଗତ ମହୋଦୟଙ୍କର ବିୟୋଗ ହୋଇଥିଲା ଓ ସେହିଠାରେ ହିଁ ତାଙ୍କୁ ଅର୍ଥାତ୍ ଜନ୍ନତୁଲ୍ ବକି ଠାରେ ହିଁ ତାଙ୍କୁ କବର ଦିଆଯାଇଥିଲା ।

ହୁଜୁର୍ ଅନୱର୍ ଅ.ବ କହିଲେ, ପାକିସ୍ତାନରେ ଏହି ଅଣଅହମଦିମାନେ ଅହମଦିମାନଙ୍କୁ କବର ଦେବାକୁ ଦେଉ ନାହାନ୍ତି ଏବଂ ଯେଉଁ ନିକଟବର୍ତ୍ତୀ ମୁସଲମାନମାନଙ୍କର କବର ଥାଏ ସେପରିପ୍ରେକ୍ଷୀରେ ସେମାନେ କୁହନ୍ତି ଏହି ମୁସଲମାନ କବର ପାଖକୁ ଆସିବ ନାହିଁ । ସେ ଯାହା ହେଉ ସ୍ୱର୍ଗତ ଐଦି ହୁମାୟଦି ସାହେବଙ୍କୁ ଜନ୍ନତୁଲ୍ ବକି ଠାରେ କବର ଦିଆଯାଇଥିଲା । ହୁଜୁର୍ ଅନୱର୍ ଅ.ବ କହିଲେ, ବର୍ତ୍ତମାନେ ସେହି ମୌଲବୀମାନେ ମଦିନା ଯାଆନ୍ତୁ ଏବଂ ସ୍ୱର୍ଗତଙ୍କର କବର ଉପାଡ଼ନ୍ତୁ । କିନ୍ତୁ ସେହି ମୌଲବୀମାନଙ୍କ ମଧ୍ୟରେ ଏତେ ସାମର୍ଥ୍ୟ କାହିଁ ! ଏହି ମୋଲବୀମାନେ ସ୍ୱୟଂ ନିଜର କର୍ମଫଳ ଅବଶ୍ୟ ଭୋଗିବେ । **ଇନଶାଅଲ୍ଲାଃ** ।

ହୁଜୁର୍ ଅନୱର୍ ଅ.ବ କହିଲେ, ଇଣ୍ଡୋନେସିଆରେ ସେକ୍ରେଟାରା ତବଲିଗ୍ ଗିନାୱନ୍ ୱର୍ଦ୍ଦି ସାହେବ କୁହନ୍ତି: "ସ୍ୱର୍ଗତ ଐଦି ହୁମାୟଦି ସାହେବ ଜଣେ ସଫଳ ଏବଂ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଦାଇ ଇଲଲ୍ଲାଃ ଥିଲେ । ଆପଣ ବାସ୍ତବିକ ରୂପେ ଉକ୍ତ ଶ୍ଳୋଗାନକୁ ନିଜ ଜୀବନର ଏକ ଅଙ୍ଗ କରିନେଲେ । ଏପରି କୌଣସି ଦିନ ନଥିଲା ଯେଉଁ ଦିନ ଓ ଯେଉଁ ସମୟକୁ ଆପଣ ତବଲଗି ନକରି ସମୟକୁ ଅତିବାହିତ କରିଥିବେ ।

**(ଅବଶିଷ୍ଟାଂଶ....ପୃ-11ରେ)**

## ପୃ-୨ରେ ବର୍ଣ୍ଣିତ ଖୁତବା ଜୁମା 05 ଡିସେମ୍ବର 2025ର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟଙ୍କ ପାଖରେ ଏକ ପୁରୁଣା ମୋଟର୍ ସାଇକେଲ ଥିଲା । ସେହି ମୋଟର ସାଇକେଲେ ଉପରେ ବସି ଆପଣ ଦୂରବର୍ତ୍ତୀ ଗ୍ରାମୀଣ ଅଞ୍ଚଳକୁ ଯାତ୍ରା କରୁଥିଲେ ଏବଂ ଆପଣ ଏପରି ଅଞ୍ଚଳକୁ ଯାତ୍ରା କରୁଥିଲେ ଯେଉଁଠି ଜମାଅତକୁ ବିରୋଧ କରାଯାଉଥିଲା । ଆପଣ ଶତାଧିକ ଲୋକମାନଙ୍କୁ ତବଲିଗ୍ କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କର ଆପଣ ବୈଅତ୍ ମଧ୍ୟ କରାଇଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟଙ୍କର ଖିଲାଫତ୍ ସହିତ ଅତି ନିବିଡ଼ ସଂପର୍କ ଥିଲା । ଆପଣ ଖିଲାଫତକୁ ବହୁତ ଭଲ ପାଉଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଐଦି ହୁମାୟଦି ସାହେବ ମୁସି ଅର୍ଥାତ୍ ଓସିୟକାରୀ ଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ଚାରିଜଣ କନ୍ୟା ସନ୍ତାନ ଅଛି ଏବଂ 10 ଜଣ ନାତି ଓ ପୌତ୍ରମାନେ ଅନ୍ତର୍ଭୁକ୍ତ ଅଟନ୍ତି । ହୁଜୁର ଅନଓ୍ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ ଚର୍ଚ୍ଚା କଲି ଯେ, ସ୍ୱର୍ଗତଙ୍କର ଜଣେ ଭ୍ରାଇଁ ମୁବଲ୍ଲିଗ୍ ସିଲସିଲା ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ। **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟରନେସନାଲ୍, 2025 ମସିହା ଡିସେମ୍ବର୍ ମାସ 26 ତାରିଖ, ପୃ-2-8)** ☆--☆--☆

## ବିଗତ ସଂଖ୍ୟା 03 ଓ ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 21-11-25ର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଅସୀମ ଦୟା ଏବଂ କରୁଣା, ଆପଣ ସ.ଅଙ୍କ ବ୍ୟାପକ ସତ୍‌ସାହସ ଏବଂ କ୍ଷମା ଭଳି ଗୁଣାବଳୀର ଜ୍ୱଳନ୍ତ ଉଦାହରଣ ଏହିକି ଯେ, ପ୍ରତ୍ୟେକ ପାଦରେ କପଟବିଶ୍ୱାସୀମାନଙ୍କ ପକ୍ଷରୁ ଭୟଙ୍କର ତଥା ଘୋର ଷଡ଼ଯନ୍ତ୍ରର ସମ୍ମୁଖୀନ ହେବାକୁ ପଡୁଥିଲା । ସେହି ଷଡ଼ଯନ୍ତ୍ର ମଧ୍ୟରେ ଦୁଃଖ, ଯନ୍ତ୍ରଣା ଏବଂ ହତ୍ୟା ଇତ୍ୟାଦିର ସମ୍ମୁଖୀନ କରିବାକୁ ପଡୁଥିଲା । କପଟବିଶ୍ୱାସୀମାନେ ଏହି (ଅମକ) ଷଡ଼ଯନ୍ତ୍ର କରୁଛନ୍ତି । ପୁନଶ୍ଚ ସେହି ଅବସ୍ଥାରେ ଧରା ମଧ୍ୟ ପଡୁଥିଲେ । କିନ୍ତୁ ଆପଣ ସ.ଅ ସର୍ବଦା ପ୍ରତ୍ୟେକ ଅବସରରେ ସେମାନଙ୍କୁ କ୍ଷମା ପ୍ରଦାନ କରି ଦେଉଥିଲେ । ଆପଣ ସ.ଅ ସେମାନଙ୍କୁ କେବଳେ ସେହି ସ୍ଥଳେ ଶାସ୍ତି ପ୍ରଦାନ କଲେ ଯେଉଁଠି ରାଜ୍ୟ କିମ୍ବା ଶାସନ ବ୍ୟବସ୍ଥା ପ୍ରତି ଥିବା ବିପଦ ଓତ୍ପ୍ରୁତି ପ୍ରତୀୟମାନ ହେଉଥିଲା । କିନ୍ତୁ ଯେଉଁଠି କଠୋର ଶାସ୍ତି ଦିଆଯାଇ ପାରିଥାଆନ୍ତ ସେଠାରେ ମଧ୍ୟ ଆପଣ ସ.ଅ କଠୋର ଶାସ୍ତି ଦେଲେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସଲେହ୍ ମ ଉଦ୍ ର.ଅ କପଟବିଶ୍ୱାସୀମାନଙ୍କର ଚରିତ୍ରର ଚର୍ଚ୍ଚା କରି କରିଛନ୍ତି ଯେ, ରସୁଲ୍ କରୀମ୍ ସ.ଅଙ୍କୁ ଈଶ୍ୱର ଐଶୀବାଣୀ କରିଥିଲେ ହେ ମୁହମ୍ମଦ୍ ସ.ଅ ! କପଟବିଶ୍ୱାସୀମାନେ କୁବା ଠାରେ ଏକ ମସ୍‌ଜିଦ୍ ନିର୍ମାଣ କରିଥିଲେ । କାରଣ ସେମାନେ ନମାଜ ଆଳରେ ସେଠାରେ ଏକତ୍ରିତ ହେବେ ଓ କପଟବିଶ୍ୱାସମୂଳକ ପରାମର୍ଶ ସେଠାରେ କରିବେ । ତେଣୁ ଆଁହଜରତ ସ.ଅ ସେହି ମସ୍‌ଜିଦ୍‌କୁ ଭୂମିସାତ୍ କରିଦେଲେ ଏବଂ ସେମାନଙ୍କୁ ବାଧ୍ୟ କରିଦେଲ ସେମାନେ ମୁସଲମାନମାନଙ୍କର ଅନ୍ୟ ମସ୍‌ଜିଦ୍‌ରେ ନମାଜ ପାଠ କରନ୍ତୁ । କିନ୍ତୁ ବଡ଼ ଉପଦ୍ରବ ସଂପର୍କରେ ଜାଣି ସାରିବା ପରେ ମଧ୍ୟ ଆପଣ ସ.ଅ ସେମାନଙ୍କୁ କୌଣସି ଶାରୀରୀକ କିମ୍ବା ଆର୍ଥିକ ଦଣ୍ଡ ଦେଲେ ନାହିଁ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-362-363)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ମଦିନା ଏବଂ ଅନ୍‌ସାରମାନଙ୍କ ପ୍ରତି ଥିବା ଅନାବିଳ ପ୍ରେମ ତଥା ଆନ୍ତରୀକତା ପ୍ରଦର୍ଶନ କରିବାର ଚର୍ଚ୍ଚା ମଧ୍ୟ ଏହିପରି ମିଳେ ଯେ, ନ୍ୟୁନାଧିକ 2 ମାସର ଯାତ୍ରା ପରେ ଆଁହଜରତ ସ.ଅ ମଦିନା ପ୍ରତ୍ୟାବର୍ତ୍ତନ କରିଥିଲେ । ମଦିନା ଏବଂ ମଦିନାବାସୀଙ୍କ ସହିତ ଆପଣ ସ.ଅଙ୍କ ପ୍ରେମ ଓ ଆନ୍ତରୀକତାର ପରିପ୍ରକାଶ ଏହିପରି ମିଳେ ଯେ, ଯେତେବେଳେ ଆପଣ ସ.ଅଙ୍କୁ ମଦିନାର ବସ୍ତି ଦୃଶ୍ୟମାନ ହେଲା ସେତେବେଳେ ଆପଣ ସ.ଅ କହିଲେ, هٰذِهٖ طَابَةُ وَهٰذَا أُحُدٌ جَبَلٌ يُحِبُّنَا وَنُحِبُّهُ ଅର୍ଥାତ୍ ଏହା ତାବା (ମଦିନାର ଏକ ନାମ) ଅଟେ । ଅର୍ଥାତ୍ ପବିତ୍ର ଓ ଉତ୍କୃଷ୍ଟ । ଏହା ଓହୋଦ୍ ଅଟେ । ଅର୍ଥାତ୍ ସେହି ପର୍ବତ ଯିଏ ଆମମାନଙ୍କୁ ଭଲପାଏ ଓ ଆମେମାନେ ମଧ୍ୟ ତାକୁ ଭଲପାଉ ।

**(ସହିହୁଲ୍ ବୁଖାରୀ କିତାବୁଲ୍ ମୁଗାଜି, ହଦିସ୍ ନଂ-4422)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମଦିନାରେ ଏକ ସ୍ଥାନ ରହିଛି ଯେଉଁ ସ୍ଥାନକୁ ଆପଣ ସ.ଅ ବହୁତ ଭଲ ପାଉଥିଲେ । ଯେତେବେଳେ ଆପଣ ସ.ଅ ଓହୋଦ୍‌ର ନାମୋଚ୍ଚାରଣ କରିଥିଲେ ସେତେବେଳେ ଏକ ପକ୍ଷ ଏହା ମଧ୍ୟ ରହିଥିଲା ଯେ, ଓହୋଦ୍ ଯୁଦ୍ଧରେ ନିଷ୍ଠା ଓ ବିଶ୍ୱସ୍ତତାର ଯେଉଁ କାହାଣୀ ସାହାବାମାନେ ନିଜ ରକ୍ତ ଦ୍ୱାରା ଲେଖିଥିଲେ ଆପଣ ସ.ଅ ସେହି କାହାଣୀକୁ କେବେ ବି ଭୁଲିଲେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ନବୀ କରୀମ୍ ସ.ଅ କହିଲେ, ମୁଁ ମଦିନାକୁ ଶୀଘ୍ର ପହଞ୍ଚିବାକୁ ଚାହୁଁଛି । ତେଣୁ ହେ ସାହାବାମାନେ ! ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ମୋ ସହିତ ମଦିନା ଶୀଘ୍ର ପହଞ୍ଚିବାକୁ ଚାହୁଁଛି ସେ ମୋ ସହିତ ଚାଲିଆସୁ । ପୁନଶ୍ଚ ଆପଣ ସ.ଅ ଏହା ମଧ୍ୟ କହିଲେ, ଯେ, ହେ ସାହାବାମାନେ ! ମୁଁ ତୁମମାନଙ୍କୁ ଅନ୍‌ସାରମାନଙ୍କର ସର୍ବଶ୍ରେଷ୍ଠ ଘର ସଂପର୍କରେ ଅବଗତ କରିବି ନାହିଁ କି ? ସାହାବାମାନେ କହିଲେ, ଅବଶ୍ୟ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତେବେ ଆପଣ ସ.ଅ କହିଲେ, ବନି ନଜ୍ଜାର୍ ହେଉଛି ସର୍ବଶ୍ରେଷ୍ଠ ଘର । ଆପଣ ସ.ଅ ପୁନଶ୍ଚ କହିଲେ, ଏହାପରେ ବନି ଅବ୍‌ଦୁଲ୍ ଅଶହଲ୍‌ଙ୍କ ଘର ହେଉଛି ସର୍ବଶ୍ରେଷ୍ଠ ଘର । ପୁନଶ୍ଚ ଆପଣ ସ.ଅ କହିଲେ, ତତ୍ପରେ ବନି ସାଆଦାଙ୍କ ଘର ହେଉଛି ସର୍ବଶ୍ରେଷ୍ଠ ଘର କିମ୍ବା ହାରିସ୍ ବିନ୍ ଖଜ୍‌ରଜ୍‌ଙ୍କ ଘର ହେଉଛି ସର୍ବଶ୍ରେଷ୍ଠ ଘର । ଅନ୍‌ସାରମାନଙ୍କ ସମସ୍ତ ଘରେ କଲ୍ୟାଣ ଓ ମଙ୍ଗଳ ରହିଛି । **(ସହିହୁଲ୍ ବୁଖାରୀ କିତାବୁଜ୍ ଜକାତ୍, ବାବ୍-ଖରସତ୍ ତମର୍, ହଦିସ୍ ନଂ-1481)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଜଣେ ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ହ. ସାଆଦ୍ ବିନ୍ ଉବ୍‌ବାଦ୍ ର.ଅ ଆମ ସହିତ ଆସି ଯେତେବେଳେ ସମ୍ମିଳିତ ହେଲେ ସେତେବେଳେ ଅବୁ ଉସୈଦ୍ କହିଲେ, ହେ ମୁସଲମାନମାନେ ! କ'ଣ ତୁମମାନଙ୍କୁ ଏକଥା ଜଣା କି ରସୁଲୁଲ୍ଲାଃ ସ.ଅ ଅନ୍‌ସାରମାନଙ୍କ ଘରର ମାହାତ୍ମ୍ୟତା ଦର୍ଶାଇଲେ ଏବଂ ଆମମାନଙ୍କୁ ଶେଷରେ ରଖିଲେ । ହ. ସାଆଦ୍ ର.ଅ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଗଲେ ଏବଂ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଅନ୍‌ସାରମାନଙ୍କ ଘରର ମାହାତ୍ମ୍ୟତା ଦର୍ଶାଇଛନ୍ତି ଏବଂ ଆମମାନଙ୍କୁ ଆପଣ ସ.ଅ ପଛରେ ରଖିଛନ୍ତି ? ଅର୍ଥାତ୍ ଯେଉଁ କ୍ରମିକତା ଆପଣ ସ.ଅ ବର୍ଣ୍ଣନା କରିଥିଲେ ସେହି କ୍ରମିକତା ହିସାବରେ ଏମାନଙ୍କର ନାଁ ସର୍ବଶେଷରେ ଆସିଥିଲା । ସାହାବାମାନେ ଏହାକୁ ମଧ୍ୟ ଲକ୍ଷ୍ୟ ରଖୁଥିଲେ । ଅତଏବ୍ ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ହେ ମୁସଲମାନ ମାନେ ଅର୍ଥାତ୍ ବନି ସାଆଦାହ୍ ଏବଂ ବନି ହାରିସ୍ ! କ'ଣ ତୁମମାନଙ୍କ ନିମନ୍ତେ ଏହା ଯଥେଷ୍ଟ ନୁହଁ ଯେ, ତୁମେମାନେ ପୁଣ୍ୟବାନମାନଙ୍କ ମଧ୍ୟରୁ ଅନ୍ୟତମ ଅଟ ? **(ସହିହୁଲ୍ ବୁଖାରୀ, କିତାବୁଲ୍ ମନାକିବିଲ୍ ଅନ୍‌ସାର୍, ବାବ୍- ଦୌରସ୍ ଅନ୍‌ସାରା ହଦିସ୍ ନଂ-3791) (ସହି ମୁସଲିମ୍, କିତାବୁଲ୍ ଫଜାଇଲି, ବାବ୍- ଫି ମୁଜିଜାତୁନ୍ ନବୀ ସ.ଅ, ହଦିସ୍ ନଂ-4261, ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-187)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ପ୍ରାରମ୍ଭରେ ବର୍ଣ୍ଣନା କରି ସାରିଛି ଯେ, ତୁବୁକ୍ ଯୁଦ୍ଧରେ ପଛରେ ରହିଯାଇଥିବା ଗୋଷ୍ଠୀମାନଙ୍କ ମଧ୍ୟରୁ ଦୁଇଟି ଗୋଷ୍ଠୀ ବୃହତ୍ ଗୋଷ୍ଠୀ ଥିଲା । 1- କପଟବିଶ୍ୱାସୀମାନଙ୍କର ଗୋଷ୍ଠୀ, ଯେଉଁମାନଙ୍କ ପ୍ରତି ଅଲ୍ଲାଃତାଲା ରୁଷ୍ଟଭାବ ପ୍ରଦର୍ଶନ କଲେ । 2- ଦ୍ୱିତୀୟ ଗୋଷ୍ଠୀ ହେଉଛି ସେହି ଗୋଷ୍ଠୀ ଯେଉଁ ଗୋଷ୍ଠୀରେ ଏପରି ମୁସଲମାନମାନେ ରହିଥିଲେ ଯେଉଁମାନେ ନିଜର ବିଶ୍ୱାସରେ ନିଷ୍ଠତା ଅବଲମ୍ବନ କରିଥିଲେ ଏବଂ ସେମାନେ ଜିହାଦରେ ସାମିଲ୍ ମଧ୍ୟ ହେବାକୁ ଚାହୁଁଥିଲେ । କିନ୍ତୁ ହୁଏ ତ' ସେମାନେ ଏତେ ଦରିଦ୍ର ଥିଲେ ଯେ, ସତଚେଷ୍ଟା ସତ୍ତ୍ୱେ ମଧ୍ୟ ଯୁଦ୍ଧକୁ ଯିବା ନିମନ୍ତେ ସେମାନଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ସାଧନ ଓ ପାଥେୟ ଉପଲବ୍ଧ ନଥିଲା କିମ୍ବା ସେମାନେ କୌଣସି ରୋଗ ଏବଂ ଅକ୍ଷମତା ଯୋଗୁଁ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ସୁରାଃ ତୌବା ଆୟତ୍ ସଂଖ୍ୟା ୨1ରେ ସେମାନଙ୍କର କ୍ଷମାଯାଚନା ଏବଂ ଦୁର୍ବଳତାକୁ ସ୍ୱୀକାର କରିଛନ୍ତି । ସୁତରାଂ ବୁଖାରୀର ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ତୁବୁକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ପରେ ଯେତେବେଳେ ଆଁହଜରତ ସ.ଅ ମଦିନା ନିକଟବର୍ତ୍ତୀ ହେଲେ ସେତେବେଳେ ଆଁହଜରତ ସ.ଅ କହିଲେ, "ଆମମାନଙ୍କ ମଧ୍ୟରୁ ମଦିନାରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ତୁମ ପରି ଅଟନ୍ତି । ଅର୍ଥାତ୍ ତୁମେମାନେ ଯେତେବେଳେ ବି ଯାତ୍ରା କରିଥିଲ କିମ୍ବା କୌଣସି ଉପତ୍ୟକା ଅତିକ୍ରମ କରୁଥିଲା ସେତେବେଳେ ଏହି ଲୋକମାନେ ତୁମମାନଙ୍କର ସଙ୍ଗରେ ରହୁଥିଲେ । **(ଅବଶିଷ୍ଟାଂଶ....ପୃ-12ରେ)**

### ହ. ଅମିରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 22 January 2026 Issue No. 04

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମା 21-11-25ର ଅବଶିଷ୍ଟାଂଶ....

ପ୍ରତ୍ୟୁତ୍ତରରେ ସାହାବାମାନେ କହିଲେ, (ଆଶ୍ଚର୍ଯ୍ୟଭାବ ପ୍ରକାଶ କରି କହିଲେ) ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଲୋକମାନେ ମଦିନାରେ ଅଛନ୍ତି କି ? ଅର୍ଥାତ୍ ମଦିନାରେ ରହି ଯୁଦ୍ଧକୁ ନଆସି ସେମାନେ ଆମ ପରି ଓ ଆମ ସହିତ କିପରି ସମକକ୍ଷ ହୋଇ ପାରିବେ ? ଆପଣ ସ.ଅ କହିଲେ, ସେମାନେ ମଦିନାରେ ହିଁ ଅଛନ୍ତି ଏବଂ ସେମାନଙ୍କୁ ରୋଗ ବ୍ୟାଧି ଅବା ଅନ୍ୟ କୌଣସି କାରଣ ଆମମାନଙ୍କ ସହିତ ସାମିଲ୍ ହେବାରୁ ଅଟକାଇ ଦେଇଛି । ଅନ୍ୟଥା ସେମାନେ ଅବଶ୍ୟ ଆମମାନଙ୍କ ସହିତ ଯୁଦ୍ଧରେ ବାହାରି ଥାଆନ୍ତେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ନବୀ କରୀମ୍ ସ.ଅ ଯେତେବେଳେ ତୁବୁକ୍ ଯୁଦ୍ଧରୁ ଫେରିଲେ ସେତେବେଳେ ଆପଣ ସ.ଅ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରି କହିଲେ, اَلْحَمْدُ لِلّٰہِ عَلٰی مَا رَزَقَنَا فِیْ سَفَرِنَا ھٰذَا مِنْ اَجْرٍ وَّحَسَنَۃٍ وَّمِنْ بَعْدِنَا شُرَکَاؤُنَا فِیْہِ ଅର୍ଥାତ୍ ସକାଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନମିନ୍ତେ ଉଦ୍ଦିଷ୍ଟ ଅଟେ ଯିଏ ଆମ ଉକ୍ତ ଯାତ୍ରାରେ ଆମକୁ ପୁଣ୍ୟ ଏବଂ ଉତ୍ତମ ପ୍ରତିଫଳ ଦ୍ୱାରା ପୁରସ୍କୃତ କଲେ । ଯେଉଁମାନେ ଆମ ଠାର ଆମ ପଛରେ ରହିଗଲେ । ଆମ ସହିତ ସାମିଲ୍ ହୋଇପାରିଲେ ନାହିଁ ସେମାନଙ୍କୁ ମଧ୍ୟ ଅଲ୍ଲାଃତାଲା ଆମ ସହିତ ପୁଣ୍ୟାବଳୀରେ ଅନ୍ତର୍ଭୁକ୍ତ କଲେ । ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ତ' ଯାତ୍ରାର କଷ୍ଟ ଏବଂ ପୀଡ଼ା ସହ୍ୟ କରିଛନ୍ତି ଏବଂ ଏହାପରେ ଯାଇ ଆପଣ ପୁଣ୍ୟାବଳୀ ଏବଂ କଲ୍ୟାଣର ଅଧିକାରୀ ହୋଇଛନ୍ତି । କିନ୍ତୁ ସେହି ଲୋକମାନେ କଷ୍ଟ ଏବଂ ଯନ୍ତ୍ରଣା ନସହ୍ୟ କରି ଆପଣ ସହିତ କିପରି ପୁଣ୍ୟାବଳୀର ଅଧିକାରୀ ହୋଇଗଲେ ? ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଲୋକମାନେ କିଏ ଅଟନ୍ତି ଯିଏ ପୁଣ୍ୟାବଳୀରେ ଆପଣ ସ.ଅଙ୍କ ସହିତ ସାମିଲ୍ ହୋଇଛନ୍ତି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ଆଏଶା ! "ଆମମାନଙ୍କ ମଧ୍ୟରୁ ମଦିନାରେ ଏପରି କେତେକ ବ୍ୟକ୍ତିମାନେ ମଧ୍ୟ ଅଛନ୍ତି ଯେଉଁମାନେ ନା ଆମ ସହିତ ଯୁଦ୍ଧରେ ବାହାରିଲେ ଓ ନା ହିଁ ସେମାନେ ଆମମାନଙ୍କ ସହିତ କୌଣସି ଘାଟିରେ ଅବତୀର୍ଣ୍ଣ ହେଲେ । କିନ୍ତୁ ସେମାନେ ଆମମାନଙ୍କ ସହିତ ସାଙ୍ଗରେ ହିଁ ଥିଲେ। ସେମାନଙ୍କୁ ରୋଗ ବ୍ୟାଧି ଆମମାନଙ୍କ ସହିତ ବାହାରିବାରୁ ଅଟକାଇ ଦେଇଛି । ଅନ୍ୟଥା ସେମାନେ ଅବଶ୍ୟ ଆମମାନଙ୍କ ସହିତ ଯୁଦ୍ଧରେ ବାହାରି ଥାଆନ୍ତେ । ଆମେମାନେ ସେମାନଙ୍କର ଯୋଦ୍ଧା ଅଟୁ ଏବଂ ଆମର ଯେଉଁ ସାଥିମାନେ ଘରେ ରହିଗଲେ ସେମାନେ ଆମମାନଙ୍କର ହିଁ ସାଥି ଅଟନ୍ତି । ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣବାୟୁ ରହିଛି । ସେହି ଲୋକମାନଙ୍କର ଦୁଆ ଶତ୍ରୁ ଉପରେ ଆମମାନଙ୍କର ଖଡ଼ଗ ଅପେକ୍ଷା ମଧ୍ୟ ଅଧିକ ଫଳପ୍ରଦ ସାବ୍ୟସ୍ତ ହେବ ।" **(ଅନାରତୁଦ୍ ଦୁଜା, ଫି ମୁଗାଜି ଖୈରିଲ୍ ୱରା, ଗ୍ରନ୍ଥଖଣ୍ଡ-1, ପୃ-721-722, ଦାରୁଲ୍ ମିନ୍‌ହାଜ୍) (ଇମ୍‌ତାଅଲ୍ ଅସ୍‌ମା, ଗ୍ରନ୍ଥଖଣ୍ଡ-2, ପୃ-79, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1999 ମସିହା) (କିତାବୁଲ୍ ମୁଗାଜି ଲିଲ୍‌ୱକିଦି, ଗ୍ରନ୍ଥଖଣ୍ଡ-2, ପୃ-428, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ହ. ଆଏଶା ର.ଅଙ୍କୁ କହିଲେ, ହେ ଆଏଶା ! ସେହି ମୁସଲମାନମାନେ ଯେଉଁମାନେ ତୁବୁକ୍ ଯୁଦ୍ଧକୁ ଯାଇପାରି ନାହାନ୍ତି ସେମାନେ ନିଜ ଘରେ ବସି ଯେଉଁ ଦୁଆ କଲେ ତାହା ଏପରି ଥିଲା କି ସେହି ଦୁଆକୁ ଅଲ୍ଲାଃତାଲା ସ୍ୱୀକାର କଲେ । ତୁବୁକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ପରେ ଆଁହଜରତ୍ ସ.ଅଙ୍କ ସ୍ୱାଗତ ନିମନ୍ତେ ମଦିନାର ଲୋକମାନେ ସେ ପଛେ ମହିଳାମାନେ ହୁଅନ୍ତୁ ଅବା ପୁରୁଷମାନେ ହୁଅନ୍ତୁ ଅବା ଛୋଟ ପିଲାମାନେ ହୁଅନ୍ତୁ (ଅର୍ଥାତ୍ ଆବାଳ ବୃଦ୍ଧ ବନୀତା) ସମସ୍ତେ ଆପଣ ସ.ଅଙ୍କ ପ୍ରେମ ଏବଂ ଦର୍ଶନର ଆକାଂକ୍ଷିତ ତଥା ଅଭିଳାଷୀ ହୋଇ ମଦିନା ବାହାରେ ସନିୟତୁଲ୍ ୱଦା ନାମକ ସ୍ଥାନ ନିକଟକୁ ଚାଲି ଆସିଲେ ଏବଂ ଏହି କବିତା ପାଠ କଲେ:

طَلَعَ الْبَدْرُ عَلَیْنَا مِنْ ثَنِیَّاتِ الْوَدَاعِ
وَجَبَ الشُّکْرُ عَلَیْنَا مَا دَعٰی لِلّٰہِ دَاعِ

ଅର୍ଥାତ୍ ଚତୁର୍ଦ୍ଦଶୀ ଚନ୍ଦ୍ର ଆମମାନଙ୍କ ଉପରେ ସନିୟତୁଲ୍ ୱଦା ନାମକ ସ୍ଥାନରୁ ଉଦିତ ହେଲା । ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଆଡ଼କୁ ଡାକୁଥିବା ଅବତାର ଜୀବିତ ରହିବ ସେପର୍ଯ୍ୟନ୍ତ ଆମମାନଙ୍କ ଉପରେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଅନିର୍ବାର୍ଯ୍ୟ ହୋଇଯିବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମଦିନାରେ ଲୋକମାନେ ଆପଣ ସ.ଅଙ୍କ ପ୍ରତି ଭାବୋଚ୍ଛ୍ୱସିତ ଭାବରେ ଉପରୋକ୍ତ କବିତା ପାଠ କରି ଆପଣ ସ.ଅଙ୍କୁ ସ୍ୱାଗତ କରିବା ସେହି ଅବସରରେ ବର୍ଣ୍ଣିତ ହୋଇଛି ଯେତେବେଳେ ଆପଣ ସ.ଅ ମଦିନାକୁ ପ୍ରବାସ କିର ଆସିଥିଲେ । **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-୨ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ବର୍ତ୍ତମାନ ଯେତେବେଳେ ସମଗ୍ର ବିଶ୍ୱରେ ଅହମଦିୟତ୍ ପିରିବ୍ୟାପ୍ତ ହୋଇଯାଇଛି ଏବଂ ଏସିଆ, ଇଉରୋପ ଓ ଆମେରିକାରେ ବାସ କରୁଥିବା ଲୋକମାନଙ୍କ ମନରେ ଏହି ଦିବ୍ୟାଲୋକ ଅବତୀର୍ଣ୍ଣ ଅର୍ଥାତ୍ ଆସନ୍ନିତ ହୋଇ ସାରିଛି । ଉକ୍ତ ଆଲେଖ୍ୟକୁ ପାଠ କରୁଥିବା ପାଠକମାନେ ସ୍ୱୟଂ ଆପଣ ଅ.ସଙ୍କ ସତ୍ୟତାର ନିଦର୍ଶନକୁ ହୃଦୟଙ୍ଗମ କରି ନିଅନ୍ତୁ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେହେତୁ ଏହି ବିନୀତ ସତ୍ୟତା ଓ ସଳଖତା ଓ ସତ୍‌ମାର୍ଗତାର ସହିତ ଈଶ୍ୱରଙ୍କ ତରଫରୁ ଆସିଅଛି ତେଣୁ ତୁମେମାନେ ସତ୍ୟତାର ସେହି ନିଦର୍ଶନକୁ ସର୍ବତ୍ରରେ ଦେଖିବାକୁ ପାଇବ । ସେହି ସମୟଟି ଆଉ ବେଶୀ ଦୂର ନୁହେଁ ବରଂ ଖୁବ୍ ନିକଟବର୍ତ୍ତୀ ଅଟେ ଯେତେବେଳେ ତୁମେମାନେ ସେହି ଦେବଦୂତମାନଙ୍କୁ ଆକାଶଲୋକରୁ ଅର୍ଥାତ୍ ଏସିଆ, ଇଉରୋପ ଓ ଆମେରିକାରୁ ଅବତୀର୍ଣ୍ଣ ହେଉଥିବାର ଅବଲୋକନ କରିବେ....... । ଅତଏବ୍ ତୁମେମାନେ ଉକ୍ତ ନିଦର୍ଶନକୁ ଅପେକ୍ଷା କର ଏବଂ ଉକ୍ତ ନିଦର୍ଶ ପୂର୍ଣ୍ଣ ହେବାର ଅଭିଳାଷୀ ହୋଇ ରୁହ ।"

**(ଫତହ୍ ଇସ୍‌ଲାମ୍, ପୃ-13, ବି.ଦ୍ର)**

اک نشاں کافی ہے گر دل میں ہو خوف کردگار

ଅନୁବାଦ: ଅର୍ଥାତ୍ ଯଦି ମନ ମଧ୍ୟରେ ଈଶ୍ୱରଙ୍କ ପ୍ରତି ଭୟ ଓ ଡର ରହିଛି ତେବେ ଈଶ୍ୱରଙ୍କ ଗୋଟିଏ ନିଦର୍ଶନ ହିଁ ବିଶ୍ୱାସକାରୀ ବ୍ୟକ୍ତି ପକ୍ଷେ ଯଥେଷ୍ଟ ଅଟେ । ☆-☆-☆

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰہِ وَ بِحَمْدِہٖ سُبْحَانَ اللّٰہِ الْعَظِیْمِ

اَللّٰھُمَّ صَلِّ عَلٰی مُحَمَّدٍ وَّ آلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର । ☆--☆--☆

اَسْتَغْفِرُ اللّٰہَ رَبِّیْ مِنْ کُلِّ ذَنْبٍ وَّ اَتُوْبُ اِلَیْہِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) । ☆--☆--☆

رَبِّ کُلُّ شَیْءٍ خَادِمُکَ رَبِّ فَاحْفَظْنِیْ وَانْصُرْنِیْ وَارْحَمْنِیْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیْسَ اللّٰہُ بِکَافٍ عَبْدَہٗ

(ଅଜ୍ କୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan